Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ


Voice of Victims

Pages-8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା: ୩୩, ଭୁବନେଶ୍ୱର, ଜୁଲାଇ ୧-୭, ୨୦୨୪, Vol: 1, Issue: 33, Bhubaneswar, July 1-7, 2024

## ଫ୍ଲାଟ୍ କିଣି ଫସିଛନ୍ତି ହଜାର ହଜାର ମାଲିକ

ଭୁବନେଶ୍ୱର: ସାରା ରାଜ୍ୟରେ ଆପାର୍ଟମେଣ୍ଟରେ ରହୁଥିବା ଲୋକ ଏବେ ଘର କିଣି ଫସି ଯାଇଥିବା କହିଲେଣି। କାରଣ ରହୁଥିବା ଫ୍ଲାଟ୍‌କୁ ସେମାନେ ବିକି ପାରୁନାହାନ୍ତି କି ଭବିଷ୍ୟତରେ ବିକିବା ସମ୍ଭବ ବି ନୁହେଁ। ରାଜ୍ୟ ସରକାରଙ୍କ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ବିଲ୍-୨୦୨୪ ଆସିବା ପରେ ସେମାନଙ୍କ ଫ୍ଲାଟ୍? ବିକିବା ବାଟ ବନ୍ଦ ହୋଇଯାଇଛି। ବହୁ ବାଦ ବିବାଦ ପରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଗତ ଫେବୃଆରି ୧୬ରେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ବିଲ୍-୨୦୨୪ ଆଣିଥିଲା। ଏହାପରେ ନୂଆ କରି ନିର୍ମାଣ ହେଉଥିବା ଆପାର୍ଟମେଣ୍ଟ କିଣାବିକା ବାଟ ଫିଟିଥିଲା। ହେଲେ ପୂର୍ବରୁ ଯେଉଁମାନେ ଆପାର୍ଟମେଣ୍ଟ କିଣିଥିଲେ ସେମାନଙ୍କ ପାଇଁ ଫ୍ଲାଟ୍ ବିକିବା ବାଟ ପୂରା ବନ୍ଦ ହୋଇଯାଇଛି। ଲକ୍ଷାଧିକ ଟଙ୍କା ଦେଇ ଫ୍ଲାଟ୍ କିଣିଥିଲେ ବି ଯେପରି ନିଜ ଘରକୁ ନିଜେ ବିକି ପାରିବେନି ସେଭଳି ନିୟମରେ ସରକାର ଛନ୍ଦି ଦେଇଛନ୍ତି। ଏବେ ଫ୍ଲାଟ୍ ବିକିବା ଲାଗି ଘର ମାଲିକମାନେ ଗଲାବେଳକୁ କୁହାଯାଉଛି ଯେ ତୁମେ କମ୍ପିଟେଣ୍ଟ ଅଥରିଟି (ଉନ୍ନୟନ କର୍ତ୍ତୃପକ୍ଷ, ମହାନଗର ନିଗମ, ପୌର ସଂସ୍ଥା) ପାଖରେ ଓନର୍ସ ଆସୋସିଏସନ୍‌ର (ଘର ଆବଣ୍ଟିତ ହୋଇଥିବା ବ୍ୟକ୍ତିଙ୍କୁ ନେଇ) ପଞ୍ଜୀକରଣ କର। ଏହା କରିବାକୁ ହେଲେ ଅକୁପାନ୍ସି ସାର୍ଟିଫିକେଟ୍ (ଦଖଲ ପ୍ରମାଣପତ୍ର) ଦେବାକୁ ପଡ଼ିବ। ଅକୁପାନ୍ସି ସାର୍ଟିଫିକେଟ୍ ପାଇବାକୁ ହେଲେ ବିଲଡର ବା ପ୍ରମୋଟର ଦ୍ୱାରା ଆପାର୍ଟମେଣ୍ଟର ସମସ୍ତ କମନ୍ ଏରିଆକୁ (ସର୍ବସାଧାରଣ ସ୍ଥାନ) ଓନର୍ସ ଆସୋସିଏସନ୍ ନାମରେ ପଞ୍ଜୀକରଣ କରିବାକୁ ହେବ। ଏହି ନିୟମ ପାଇଁ ଏବେ ଆପାର୍ଟମେଣ୍ଟ ମାଲିକ ବିଲ୍‌ଡରଙ୍କ ପାଖକୁ ଧାଉଁଛନ୍ତି। ହେଲେ କେଉଁଠି ବିଲଡର୍ ଅଛନ୍ତି ତ କେଉଁଠି ମରିଗଲେଣି କିମ୍ବା ବ୍ୟବସାୟ ବନ୍ଦ କରି ଅନ୍ୟ ବ୍ୟବସାୟ କଲେଣି। କେତେକ ସ୍ଥାନରେ ବିଲଡର୍ ଥିଲେ ବି ପ୍ରକୃତ ଜମି ମାଲିକ (ଯାହାଠାରୁ ପାୱାର ଅଫ୍ ଆଟର୍ଣ୍ଣି ଆଣି ଆପାର୍ଟମେଣ୍ଟ ନିର୍ମାଣ କରାଯାଇଥିଲା) ନାହାନ୍ତି। କିଛି କ୍ଷେତ୍ରରେ ଏକାଧିକ ଲିଗାଲ୍ ହେୟାର (ଆଇନଗତ ଉତ୍ତରାଧିକାରୀ) ଆସିଲେଣି କିମ୍ବା ଜମି ମାଲିକ ଥିବା ସ୍ଥାନରେ ବିଲଡର୍ ଓ ଜମି ମାଲିକଙ୍କ ମଧ୍ୟରେ ସମ୍ପର୍କ ଭଲ ନାହିଁ। ଆଉ ସବୁଠୁ ବଡ଼ କଥା ହେଉଛି ପୂର୍ବରୁ ବିଲଡରମାନେ ସର୍ବସାଧାରଣ ସ୍ଥାନଗୁଡ଼ିକୁ ଫ୍ଲାଟ୍ ମାଲିକମାନଙ୍କ ନାମରେ କିଛି କିଛି ଅଞ୍ଚଳ ଭାଗ କରି ସମାନ ଭାବେ ପଞ୍ଜୀକରଣ କରିଦେଇଛନ୍ତି। ଏବେ ଯେଉଁ ଅଞ୍ଚଳଗୁଡ଼ିକ ମାଲିକମାନଙ୍କ ନାଁରେ ଅଛି ତାହା ପୁଣି କିପରି ଓନର୍ସ ଆସସୋସିଏସନ୍? ନାଁରେ ହେବ ୨୦୧୫ରେ ଅକୁପାନ୍ସି ସାର୍ଟିଫିକେଟ୍ ନେବା ନିୟମ ଆସିଲା, ହେଲେ ଏହା ପୂର୍ବରୁ ନିର୍ମାଣ ହୋଇଥିବା ଆପାର୍ଟମେଣ୍ଟ ପାଇଁ କିପରି ଅକୁପାନ୍ସି ସାର୍ଟିଫିକେଟ୍ ଆଣିବେ ତାହା କେହି ବୁଝିପାରୁନାହାନ୍ତି। ନଗର ଉନ୍ନୟନ ବିଭାଗର ଏଭଳି ନିୟମରେ ରାଜ୍ୟର ପ୍ରାୟ ୪ ହଜାରରୁ ଅଧିକ ଆପାର୍ଟମେଣ୍ଟରେ ରହୁଥିବା ୫୦ହଜାରରୁ ଅଧିକ ଘର ମାଲିକ ଧନ୍ଦି



ହୋଇଯାଇଛନ୍ତି। ସ୍ଥିତି ଏପରି ହୋଇଛି ଯେ ବାହାର ରାଜ୍ୟକୁ କିମ୍ବା ବିଦେଶକୁ ଯିବାକୁ ଚାହୁଁଥିବା ଲୋକ, ଝିଅ ବାହାଘର କି ପରିବାରର ଆବଶ୍ୟକତା ମେଣ୍ଟାଇବା କିମ୍ବା ଅନ୍ୟ କୌଣସି କାରଣ ପାଇଁ କେହି ଯଦି ଫ୍ଲାଟ୍ ବିକିବାକୁ ଚାହୁଁଛନ୍ତି ତେବେ ବିକିପାରୁନାହାନ୍ତି। ନଚେତ୍ ଏଗ୍ରିମେଣ୍ଟ କରି ଶାଗ ମାଛ ଦରରେ ଫ୍ଲାଟ୍ ଅନ୍ୟକୁ ହସ୍ତାନ୍ତର କରୁଛନ୍ତି। ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ୨୦୧୫ ମସିହାରେ ଆପାର୍ଟମେଣ୍ଟ କିଣାବିକା ପାଇଁ 'ଅକୁପାନ୍ସି ସାର୍ଟିଫିକେଟ୍' ନେବା ନିୟମ ଆସିଲା। ଏହା ପୂର୍ବରୁ ନିର୍ମାଣ ହେଉଥିବା ଆପାର୍ଟମେଣ୍ଟଗୁଡ଼ିକ ପାଇଁ କମ୍ପ୍ଲିସନ୍ ସାର୍ଟିଫିକେଟ୍ ଦରକାର ପଡୁଥିଲା। ଏହାକୁ ଦେଖାଇ ଫ୍ଲାଟ୍ କିଣାବିକା ହେଉଥିଲା। ଏହାକୁ ଆର୍କିଟେକ୍ଟମାନେ ଦେଉଥିଲେ। କିନ୍ତୁ ୨୦୨୧-୨୨ରେ ରାଜ୍ୟ ସରକାର ସମସ୍ତ ନୂଆ, ପୁରୁଣା ଆପାର୍ଟମେଣ୍ଟ କିଣାବିକା ଉପରେ ରୋକ୍ ଲଗାଇଦେଲେ। ହାଇକୋର୍ଟରେ ମାମଲା ଦାୟର ହେବା ଏବଂ ବହୁ ଆଲୋଚନା ପରେ ରାଜ୍ୟ ସରକାର ଗତ ଫେବୃଆରିରେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ବିଲ୍-୨୦୨୪ ଆଣିଥିଲେ। ସେହିପରି କ୍ରେଡାଇ ଭୁବନେଶ୍ୱରର ସମ୍ପାଦକ ଉମେଶ ପଟ୍ଟନାୟକ କହିଛନ୍ତି ଯେ, ରାଜ୍ୟ ସରକାର ଯେଉଁ ନୂଆ ନିୟମ ଆଣିଛନ୍ତି ତାହା କେବଳ ନୂଆ ପ୍ରକଳ୍ପ ପାଇଁ ଲାଗୁ ହେଉ। ପୁରୁଣା ପ୍ରକଳ୍ପ ପାଇଁ ଲାଗୁ କରି ଲୋକଙ୍କୁ ହଇରାଣ କରାନଯାଉ। ସୋସାଇଟି ପଞ୍ଜୀକରଣ ନିୟମ ଠିକ୍ ଅଛି। କିନ୍ତୁ ଫ୍ଲାଟ୍ ବିକ୍ରି କରିନପାରିବା ବ୍ୟବସ୍ଥା ଠିକ୍ ନୁହେଁ। ୨୦୧୭ ପୂର୍ବରୁ ଯେଉଁମାନେ ସେଲ୍‌ଡିଡ୍ କରି ଫ୍ଲାଟ୍ କିଣିଛନ୍ତି ତାଙ୍କୁ ସେହି ସେଲ୍‌ଡିଡ୍ ଉପରେ ଫ୍ଲାଟ୍ ବିକିବାକୁ ଅନୁମତି ଦିଆଯାଉ। ଉଲ୍ଲେଖଥାଉକି, ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ବିଲ୍-୨୦୨୪ ଅନୁଯାୟୀ ନୂଆ କରି ନିର୍ମାଣ ହେଉଥିବା ଆପାର୍ଟମେଣ୍ଟ କିଣାବିକା କରିବାରେ ବିଶେଷ ସମସ୍ୟା ନାହିଁ। କିନ୍ତୁ ପୂର୍ବରୁ ଯେଉଁମାନେ ଆପାର୍ଟମେଣ୍ଟ କିଣିଛନ୍ତି ସେମାନଙ୍କ ପାଇଁ ସମସ୍ୟା ହେଉଛି। ରେରା ଆକ୍ଟରେ ଅଛି ଯେ ଆପାର୍ଟମେଣ୍ଟର କମ୍ପ୍ଲିସନ୍ ସାର୍ଟିଫିକେଟ୍ ଥିଲେ ଏହାର କିଣାବିକା ହୋଇପାରିବ। ମାତ୍ର ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ବିଲ୍ ?ରେ ଅକୁପାନ୍ସି ସାର୍ଟିଫିକେଟ୍ ଓ ଓନର୍ସ ଆସୋସିଏସନ୍ ନାଁରେ କମନ୍ ଏରିଆ ପଞ୍ଜୀକରଣ ବାଧ୍ୟତାମୂଳକ। ରାଜ୍ୟର ବିଭିନ୍ନ ସହରରେ ଥିବା ୯୫%ରୁ ଅଧିକ ଆପାର୍ଟମେଣ୍ଟର ଅକୁପାନ୍ସି ସାର୍ଟିଫିକେଟ୍ ନାହିଁ। କାରଣ ୨୦୧୫ ପୂର୍ବରୁ ଅକୁପାନ୍ସି ସାର୍ଟିଫିକେଟ୍ ନେବା ବାଧ୍ୟତାମୂଳକ ନଥିଲା। ଯେତେବେଳେ ଅକୁପାନ୍ସି ସାର୍ଟିଫିକେଟ୍ ନେବା ନିୟମ ନଥିଲା ଏବେ ତାହାକୁ କେମିତି ଲାଗୁ କରାଯିବ ଏବେ ଏଥିପାଇଁ ଅଗ୍ନିଶମ ବିଭାଗରୁ ଏନ୍‌ଓସି ଆଣିବାକୁ ପଡ଼ିବ। ପୂର୍ବରୁ ଏନ୍‌ଓସି ପାଇବାକୁ ଯେଉଁ ନିୟମ ଥିଲା ତାହା ଏବେ ବଦଳିଯାଇଛି। ପୂର୍ବରୁ ଆପାର୍ଟମେଣ୍ଟ ନିର୍ମାଣ ପାଇଁ ଯେଉଁ ନିୟମ ଥିଲା ତାହା ବି ବଦଳିଯାଇଛି। ତେଣୁ ନୂଆ ନିୟମରେ ପୁରୁଣା ଆପାର୍ଟମେଣ୍ଟ ଉପରେ କିପରି ଅକୁପାନ୍ସି ସାର୍ଟିଫିକେଟ୍ ଅଣାଯିବ? ଏହାବାଦ୍ ଓରେରା ନିୟମ ଲାଗୁ ହେବା ପୂର୍ବରୁ ଅର୍ଥାତ୍ ୨୦୧୭ ପୂର୍ବରୁ ଯେଉଁ ପ୍ରକଳ୍ପ ଚାଲିଥିଲା ସେଥିରେ କିଛି ଆପାର୍ଟମେଣ୍ଟର କମନ୍ ଏରିଆ (କରିଡର, ସିଡ଼ି, ପାର୍କିଂ ଅଞ୍ଚଳ ଭଳି ସ୍ଥାନ)କୁ ଆପାର୍ଟମେଣ୍ଟ ମାଲିକଙ୍କ ନାମରେ ପଞ୍ଜୀକରଣ କରିଦିଆଯାଇଛି। ସେଗୁଡ଼ିକ ଏବେ ସୋସାଇଟି ନାଁରେ ପଞ୍ଜୀକରଣ କରିହେବନି।

## ମନ ଇଚ୍ଛା ଭଡା ନେଉଛନ୍ତି ଘରୋଇ ଆମ୍ବୁଲାନ୍ସ

ଭୁବନେଶ୍ୱର : ଲୋକଙ୍କ ଜୀବନ ରକ୍ଷା କରିବାରେ ଆମ୍ବୁଲାନ୍ସ ଭୂମିକା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସରକାର ସେଥିପାଇଁ ଘରୋଇ ଆମ୍ବୁଲାନ୍ସରୁ ରୋଡ୍ ଟିକସ୍ ନେଇନଥାନ୍ତି । ଟୋଲ୍ ଗେଟ୍‌ରେ ପଇସାରେ ଦେବାକୁ ପଡେ ନାହିଁ । ରାଜ୍ୟ ସରକାରଙ୍କର ଆମ୍ବୁଲାନ୍ସର ଭଡା ଦର ନିର୍ଦ୍ଧାରଣ କରି ନଥିବାରୁ ଘରୋଇ ଆମ୍ବୁଲାନ୍ସ ମାଲିକମାନେ ୪ ରୁ ୬ ଗୁଣା ଦର ନେଉଛନ୍ତି । ଆମ୍ବୁଲାନ୍ସ ମାଲିକମାନେ ସଂଘ କରି ଘରୋଇ ଓ ସରକାରୀ ଡାକ୍ତରଖାନା ଗୁଡିକ ଏକରକମ କବ୍‌ଜା କରି ନେଇଛନ୍ତି। ଭଡା ମଧ୍ୟ ସଂଘ ଧାର୍ଯ୍ୟ କରୁଛି । ଯାହା ଫଳରେ ରୋଗୀମାନେ ଶୋଷଣର ଶିକାର ହେଉଛନ୍ତି । ଭୁବନେଶ୍ୱର ଭିତରେ ମାତ୍ର ୧୦ ରୁ ୧୨ କିଲୋମିଟର ଗଲେ ୨୨ଶହରୁ ୨୫ଶହ ଟଙ୍କା ନେଉଛନ୍ତି ଆମ୍ବୁଲାନ୍ସ । ଶହେ କିଲୋମିଟର ପାଇଁ ୮ ରୁ ୯ ହଜାର ଟଙ୍କା ନେଉଛନ୍ତି । ଘରୋଇ ବସ୍ ଓ ଅନ୍ୟ ଗାଡିର ଦରଦାମ ସ୍ଥିର କରିଛନ୍ତି ସରକାର । ଆମ୍ବୁଲାନ୍ସ କୌଣସି ଦର ଧାର୍ଯ୍ୟ ହୋଇନାହିଁ । ଫଳରେ ଠକି ହେଲେ କେଉଁଠି ଅଭିଯୋଗ କରିବେ ତାହା ଲୋକେ ଜାଣି ପାରୁନାହାନ୍ତି ।




ସରକାରୀ ଓ ବେସରକାରୀ ହସ୍ପିଟାଲରୁ ଛାଡି ଏବେ ରାଜ୍ୟରେ ପାଖାପାଖି ୪୦୦୦ ଘରୋଇ ଆମ୍ବୁଲାନ୍ସ ରହିଛି । ଏଥିରୁ କଟକରେ ୩ଶହ ଓ ଭୁବନେଶ୍ୱର ୫ଶହ ଆମ୍ବୁଲାନ୍ସ ବିଭିନ୍ନ ଘରୋଇ ହସ୍ପିଟାଲ୍ ଓ ସରକାରୀ ହସ୍ପିଟାଲ୍ ବାହାରେ ୨୪ ଘଣ୍ଟା ଡେରା ପକାଇ ରହୁଛନ୍ତି । ଏମାନେ ମନଇଛା ସଂଘ କରିଛନ୍ତି । କାହା ପାଳି କେତେବେଳେ ପଡିବ ? କିଏ ଆଗ ଯିବ ? କେତେ ଟଙ୍କାଭଡା ପଡିବ ସେ ସବୁର ନିଷ୍ପତ୍ତି ନେଉଛି ଆମ୍ବୁଲାନ୍ସ ସଂଘ ।

ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏକ ଘରୋଇ ହସ୍ପିଟାଲ୍‌ରୁ ଜଣେ ରୋଗୀ କେନ୍ଦ୍ରାପଡା ଯିବାର ଥିଲା । ଉକ୍ତ ହସ୍ପିଟାଲ୍‌ର କୌଣସି ଆମ୍ବୁଲାନ୍ସ ଫାଙ୍କା ନଥିଲା । ସେମାନେ ହସ୍ପିଟଲ୍ ବାହାରେ ଥିବା ଘରୋଇ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ସେମାନେ ୧୫ ହଜାର ଟଙ୍କା ଦାବି କରିଥିଲେ । ହେଲେ ରୋଗୀଙ୍କ ସମ୍ପର୍କୀୟ ଏତେ ଟଙ୍କା ଦେବାକୁ ମନା କରିଥିଲେ । ଅନ୍ୟ ଆମ୍ବୁଲାନ୍ସ ଦେଖିଥିଲେ । ହେଲେ ସମସ୍ତେ ଗୋଟିଏ କଥା କହିଥିଲେ ଦରଦାମ୍ ସଂଘର ନିଷ୍ପତ୍ତି । ଭୁବନେଶ୍ୱର ଅନ୍ୟ କୌଣସି ଆମ୍ବୁଲାନ୍ସ ମଧ୍ୟ ରାଜି ହୋଇନଥିଲେ । ଶେଷରେ ୧୨ ହଜାରରେ କଥା ଛିଡିଥିଲା ।

ଏମ୍‌ସ୍‌ରେ ଚିକିତ୍ସିତ ହେଉଥିବା ପଶ୍ଚିମବଙ୍ଗର ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିଲା । ମୃତଦେହ ନେବାକୁ ପରିବାର ଲୋକେ ହସ୍ପିଟାଲ ବାହାରେ ଥିବା ଘରୋଇ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ସେମାନେ ୮୦ ହଜାର ଟଙ୍କା ମାଗିଥିଲେ । ଏଥିରେ ରାଜି ହୋଇନଥିଲେ ମୃତକଙ୍କ ସମ୍ପର୍କୀୟମାନେ । ସେମାନେ ପଶ୍ଚିମବଙ୍ଗରୁ ଆମ୍ବୁଲାନ୍ସ ଡକାଇଥିଲେ । ହେଲେ ସେ ଆମ୍ବୁଲାନ୍ସ ଏମ୍‌ସ୍ ପାଖରେ ପହଞ୍ଚିଲା ପରେ ଘରୋଇ ଆମ୍ବୁଲାନ୍ସ ତାଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେବା ସହ ୧୦ ହଜାର ଟଙ୍କା ବଟି ମାଗିଥିଲେ । ଟଙ୍କା ନ ଦେବାରୁ ଗାଡି ଚାବି ଛଡାଇ ନେଇଥିଲେ । ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ୍ ଆମ୍ବୁଲାନ୍ସ ସଂଘ ନାଁରେ ଦାଦାବଟି ଆଦାୟ କରୁଥିବା ପାତ୍ରପଡାର ଆନନ୍ଦ ପାଟଶାଣୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ଦୁଇଟି ଘଟଣା ନୁହେଁ । ସବୁ ଦିନ ଶହଶହ ଲୋକ ଏମିତି ଲୁଟ୍‌ର ଶିକାର ହେଉଛନ୍ତି ।

ସବୁଠାରୁ ବଡ କଥା ହେଲା ଯିଏ ଯେମିତିକା ଗାଡି କିଣିଲା ତାକୁ ଆମ୍ବୁଲାନ୍ସ ଘୋଷଣା କରିଦେଲା । ଗାଡି ପଛ ସିଟ୍ ବାହାର କରିଦେଇ ଗୋଟିଏ ଷ୍ଟ୍ରେଚର୍ ଓ ଅକ୍ସିଜେନ୍ ସିଲିଣ୍ଡର ରଖି ତାକୁ ଆମ୍ବୁଲାନ୍ସ ଭାବେ ବ୍ୟବହାର କଲା । ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ସେ ଗାଡିକୁ ରୋଗୀ ସେବା ପାଇଁ ଅନୁମତି ଦେଉଛି । ରୋଗୀକୁ ନେଇ ଯିବା କଥା ଦୂର, ଅଧିକାଂଶ ଆମ୍ବୁଲାନ୍ସ ରାସ୍ତାରେ ଗଡିବା ପାଇଁ ଫିଟ୍ ନୁହେଁ। ତଥାପି ସେମାନେ ସାରା ରାଜ୍ୟ ବୁଲୁଛନ୍ତି । ଯଦି ସ୍ୱାସ୍ଥ୍ୟ ବିଭାଗ ପୁଲସ୍ ଓ ଆରଟିଓ ପକ୍ଷରୁ କେବେ ଚେକିଂ ହୁଏ ତା'ହେଲେ ରାଜ୍ୟରେ ଗଡୁଥିବା ୪ ହଜାର ଆମ୍ବୁଲାନ୍ସରୁ ମାତ୍ର ୨୦୦ ରୁ ୩୦୦ ଯୋଗ୍ୟ ମନାଯିବ । ଘରୋଇ ଆମ୍ବୁଲାନ୍ସର ଏଭଳି ଲୁଟ୍‌ପାଟ୍ ପାଇଁ ଲୋକମାନେ କେଉଁଠି ଅଭିଯୋଗ କରିବେ ତାହା ମଧ୍ଯ କାହାକୁ ଜଣାନାହିଁ । ସେଥିପାଇଁ ଏମାନଙ୍କ ଆତଙ୍କରାଜର ମାଳ ମାଳ ଅଭିଯୋଗ ଆସୁଛି ।

## ସଂ ପା ଦ କୀ ୟ

# ରତ୍ନଭଣ୍ଡାର ଖୋଲିବା ନେଇ ସଂଶୟ

ଶ୍ରୀମନ୍ଦିରର ପରିକ୍ରମା ପ୍ରକଳ୍ପ ନିର୍ମାଣ ଯେପରି କିଛିକାଳ ଧରି ସର୍ବତ୍ର ଚର୍ଚ୍ଚାରେ ଥିଲା, ସେହିପରି ଏବେ ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଏବଂ ଏହାର ସୁରକ୍ଷା ନେଇ କ୍ରମାଗତ ପ୍ରଶ୍ନ ଉଠି ଚାଲିଛି ! ଏପରିକି ଗତ ନିର୍ବାଚନରେ ଏହା ଏକ ସମ୍ବେଦନଶୀଳ ରାଜନୀତିକ ପ୍ରସଙ୍ଗ ପାଲଟିଥିଲା। ତେବେ ପୂର୍ବ ବିଜେଡି ସରକାର ନିର୍ବାଚନ ପୂର୍ବରୁ ରତ୍ନଭଣ୍ଡାରର ଚାବି ଖୋଲିବା ସହିତ ଏହାର ଅଳଙ୍କାର ସମୂହର ଗଣନା ତଥା ଚିଠା ପ୍ରସ୍ତୁତ କରିବାକୁ ଆବଶ୍ୟକ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ କରିବା ସହିତ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସରକାର ଏହି କମିଟି ଗଠନ କରି ପ୍ରକ୍ରିୟା ଆରମ୍ଭ କରିଥିଲେ ମଧ୍ୟ ରତ୍ନଭଣ୍ଡାର ଖୋଲିବା ତାରିଖ ଚୂଡ଼ାନ୍ତ ହୋଇ ନଥିଲା। ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହାର ନିର୍ବାଚନ ପ୍ରତିଶ୍ରୁତି ମୁତାବକ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ସହିତ ରତ୍ନଭଣ୍ଡାର ଚାବି ଖୋଲିବା ପାଇଁ ଆଗ୍ରହ ଦେଖାଇଛନ୍ତି। ଗତକାଲି ଏଏସ୍ ?ଆଇ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଆସନ୍ତା ଜୁଲାଇ ଆଠ ତାରିଖରେ ପୂର୍ବ ଘୋଷଣା ଅନୁସାରେ ରତ୍ନଭଣ୍ଡାର ଖୋଲାଯାଇପାରେ। ରଥଯାତ୍ରା ସମୟରେ ଶ୍ରୀଜୀଉମାନେ ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଥିବାରୁ ସେତେବେଳେ ଏହି କାର୍ଯ୍ୟ କରିବା ସହଜ ହେବ। କେବଳ ରତ୍ନଭଣ୍ଡାରର ଚାବି ଖୋଲାଯିବ ନାହିଁ, ଏହାର ଆବଶ୍ୟକୀୟ ସୁରକ୍ଷା ଓ ମରାମତି କାର୍ଯ୍ୟ ମଧ୍ୟ ପ୍ରତ୍ନତତ୍ୱ ବିଭାଗ ଏହି ସମୟରେ କରିବ। ତେବେ ସରକାରଙ୍କ ପକ୍ଷରୁ ପରେ ସ୍ପଷ୍ଟ କରି ଦିଆଯାଇଛି ଯେ ରତ୍ନଭଣ୍ଡାର ଚାବି ଖୋଲିବା ନିର୍ଦ୍ଦିଷ୍ଟ ତାରିଖ ବିଷୟରେ କୌଣସି ଚୂଡ଼ାନ୍ତ ନିଷ୍ପତି ଏପର୍ଯ୍ୟନ୍ତ ନିଆ ଯାଇନାହିଁ। ଏଣେ ରାଜ୍ୟ ସରକାର ହାଇକୋର୍ଟକୁ ଜଣାଇଛନ୍ତି ଯେ ଏ ସମ୍ପର୍କିତ ଜଷ୍ଟିସ୍ ରଘୁବୀର ଦାସ ଯାଂଚ କମିଶନ ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରାଯିବ ଏବଂ ଆସନ୍ତା କ୍ୟାବିନେଟ୍ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବାପରେ ଏ ସମ୍ପର୍କରେ ଆବଶ୍ୟକୀୟ ନିଷ୍ପତି ନିଆଯିବ। ରତ୍ନଭଣ୍ଡାରର ଚାବି, ଏଥରେ ଗଚ୍ଛିତ ଧନରତ୍ନ ଓ ଏହାର ସୁରକ୍ଷା ଏ ତିନିଟି ବିଷୟରେ ପ୍ରାୟତଃ ଚର୍ଚ୍ଚା ହୋଇଥାଏ। ଏଏସ୍ଆଇ ରିପୋର୍ଟ ଅନୁସାରେ ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଶ୍ରୀମନ୍ଦିରର ରତ୍ନଭଣ୍ଡାର ସ୍ଥିତି ଭଲ ନାହିଁ। ୨୦୧୮ରେ ହୋଇଥିବା ତଦାରଖ ଓ ପରୀକ୍ଷା ନିରୀକ୍ଷାରୁ ଜଣାପଡ଼ିଥିଲା ଯେ ଏହାର କାନ୍ଥ ଓ ଆଉ କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ପରବର୍ତୀ ସମୟରେ ଲେଜର ରଶ୍ମି ପରୀକ୍ଷାରୁ ଏହି ଫାଟ କଥା ସ୍ପଷ୍ଟ ହୋଇଛି। ଫଳରେ ଭଣ୍ଡାର ମଧ୍ୟକୁ ବର୍ଷା ପାଣି ପଶୁଥିବାର ଆଶଙ୍କାକୁ ଏଡାଇ ଦିଆଯାଇ ପାରିବ ନାହିଁ। ତେଣୁ ବୈଷୟିକ କମିଟିଙ୍କ ଅଧ୍ୟକ୍ଷତାରେ ରତ୍ନଭଣ୍ଡାରର ଚାବି ଖୋଲାଯାଇ ତାହାର ଭିତର ସ୍ଥିତି ଅନୁଧ୍ୟାନ କରାଯିବାପାଇଁ ଦାବୀ ଉଠିଥିଲା। ରତ୍ନଭଣ୍ଡାରର ଚାବି, ଏହା ଭିତରେ ଥିବା ରତ୍ନ ଓ ଅଳଙ୍କାର ଏବଂ ଏହାର ନିରାପତା ସର୍ବଦା ଚର୍ଚ୍ଚାରେ ଥାଏ। ପ୍ରତିବର୍ଷ ମନ୍ଦିରର ପର୍ବପର୍ବାଣି ଅବସରରେ ଦୁଇଭାଗରେ ବିଭକ୍ତ ରତ୍ନଭଣ୍ଡାରର ବାହାର କୋଠରିରୁ ଠାକୁରଙ୍କ ଅଳଙ୍କାରମାନ ଅଣାଯାଏ। ପର୍ବ ଓ ଯାତ୍ରା କାମ ସରିଲେ ତାହାକୁ ପୁନର୍ବାର ସେଠାରେ ରଖାଯାଇଥାଏ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ବରିଷ୍ଠ ଅଧିକାରୀ ତଥା କର୍ମକର୍ତାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥାଏ। ତେବେ ଭଣ୍ଡାରର ଭିତର କୋଠରିର ସ୍ଥିତି ସମ୍ପର୍କରେ ବିଶେଷ କିଛି ଜଣାଯାଏ ନାହିଁ। ଶ୍ରୀମନ୍ଦିରର ରତ୍ନଭଣ୍ଡାର ନେଇ ଅନେକ ଲୋକକଥା ଓ ଗୁଜବ ମଧ୍ୟ ଶୁଣାଯାଏ। ହେଲେ ମନ୍ଦିରର ଚାବି ହଜିବା ବା ଚୋରି ହୋଇଯିବା, ଧନସମ୍ପତି କେହି ଚୋରାଇ ନେବା ଭଳି ଅତ୍ୟନ୍ତ ଚିନ୍ତାଉଦ୍ରେକକାରୀ ବିବୃତି ଭକ୍ତମାନଙ୍କୁ ନିଶ୍ଚିତ ଭାବେ ବିବ୍ରତ କରାଏ। ଶ୍ରୀମନ୍ଦିର ରତ୍ନଭଣ୍ଡାର, ଯାହା ଦୁଇ ଭାଗରେ ବିଭକ୍ତ, ଶେଷଥର ପାଇଁ ୧୯୮୫ରେ ଖୋଲାଯାଇଥିଲା। ତାହାର ପ୍ରାୟ ସାତବର୍ଷ ପୂର୍ବରୁ ୧୯୭୮ ଜୁଲାଇ ୨୩ରେ ରତ୍ନଭଣ୍ଡାର ଖୋଲାଯାଇ ସେଠାରେ ଥିବା ପ୍ରଭୁଙ୍କ ଗହଣା ଗାଣ୍ଠି, ମୂଲ୍ୟବାନ ରତ୍ନପଥର, ହୀରା, ଲୀଳା, ସୁନା, ଚାନ୍ଦି ଆଦିର ଗଣନା କରାଯାଇ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏହା ପରେ ଆଉ ରତ୍ନଭଣ୍ଡାର ଭିତର ପ୍ରକୋଷ୍ଠ ଖୋଲା ଯାଇନାହିଁ। ୨୦୧୮ ଏପ୍ରିଲ ୪ରେ ଏକ ୧୬ ଜଣିଆ ଦଳ ରତ୍ନଭଣ୍ଡାରର ବାସ୍ତବ ସ୍ଥିତି ଅନୁଧ୍ୟାନ କରିବାକୁ ଭଣ୍ଡାରକୁ ପ୍ରବେଶ କରିଥିଲେ। ତେବେ ଭିତର କୋଠରିର ଚାବି ନ ମିଳିବାରୁ ସେଠାରେ ଲାଗିଥିବା ଏକ ଲୁହାବାଡ଼ ବାହାରପଟୁ ସମ୍ପୃକ୍ତ ଦଳର ସଦସ୍ୟମାନେ ସର୍ଚ୍ଚ ଲାଇଟ୍ ପକାଇ ଏହାର କାନ୍ଥବାଡ଼ର ବାହ୍ୟ ଅଂଶ ଦେଖି ଫେରି ଆସିଥିଲେ। ଚାବି ନ ମିଳିବାରୁ ବିଭ୍ରାନ୍ତି ଓ ଗୋଳମାଳିଆ ସ୍ଥିତି ସୃଷ୍ଟି ହେବା ସ୍ୱାଭାବିକ ଓ ତାହା ହିଁ ହେଲା। ତେବେ ପୁରୀ ଜିଲ୍ଲା ପ୍ରଶାସନ ଅସଲି ପରିବର୍ତେ ରତ୍ନଭଣ୍ଡାରର ଏକ ନକଲି ଚାବି ମିଳିଛି ବୋଲି କହିବା ପରେ ବିବାଦ ଆହୁରି ବଢ଼ିଥିଲା। ଏହାକୁ ନେଇ ମାମଲା କୋର୍ଟ କଚେରିକୁ ମଧ୍ୟ ଯାଇଥିଲା। ଶେଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ରତ୍ନଭଣ୍ଡାରର ଚାବି ଖୋଲି ଏହାର ମୂଲ୍ୟବାନ ସାମଗ୍ରୀକୁ ଗଣତି କରି ତାଲିକା ପ୍ରସ୍ତୁତ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଲେ ଓ ତତ୍କାଳୀନ ବିଜେଡି ସରକାର ଜଷ୍ଟିସ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। କମିଟି ପକ୍ଷରୁ ଏବର୍ଷ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଖୋଲାଯିବାର ଯୋଜନା ଅଛି ବୋଲି ସୂଚନା ଦିଆଯାଇଥିଲା।


ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ


# ନିଟ୍ ପରୀକ୍ଷାରେ ଅନିୟମିତତା !

ସଂଘମିତ୍ରା ଜେନା

ଅଷ୍ଟାଦଶ ଲୋକସଭା ନିର୍ବାଚନ ଫଳାଫଳ ସହ ପ୍ରକାଶ ପାଇଲା ନିଟ୍ ୟୁଜି-୨୦୨୪ ପରୀକ୍ଷା ଫଳାଫଳ। ଆଶାନୁରୂପ ଫଳ ନ ହେବାରୁ ଆତ୍ମହତ୍ୟାର ବାଟ ବାଛିନେଲେ ବାଗିଶା ତିୱାରୀଙ୍କ ଭଳି କେତେକ ଛାତ୍ରଛାତ୍ରୀ। ଧୀରେ ଧୀରେ ବ୍ୟାପକ ଅନିୟମିତତାର ଖବର ସାମ୍ନାକୁ ଆସିବାକୁ ଲାଗିଲା। ଗୋଟିଏ ପଟେ କୋଚିଂ ସେଂଟରମାନଙ୍କ ସଫଳତାର ପ୍ରଚାର ପ୍ରସାର ଚାଲୁଥିବା ବେଳେ ଅନ୍ୟପଟେ ଛାତ୍ର ଅସନ୍ତୋଷ ବଢ଼ିବାରେ ଲାଗିଲା। ସାନି ପରୀକ୍ଷା ଓ ଦୁର୍ନୀତିର ନିରପେକ୍ଷ ତଦନ୍ତ ଦାବିରେ ୨୦ ଜଣ ପରୀକ୍ଷାର୍ଥୀ ଶେଷରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଲେ। ଆବେଦନର ଶୁଣାଣି ଅବସରରେ ୧୫୬୩ ଜଣ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିବା ଗ୍ରେସ୍ ମାର୍କ ରଦ୍ଦ ହେବା ସହ ସେମାନେ ଚାହିଁଲେ ଜୁନ୍ ୨୩ରେ ପୁନର୍ବାର ପରୀକ୍ଷା ଦେଇପାରିବେ ବୋଲି କେନ୍ଦ୍ର ସରକାର ଓ ଏନ୍‌ଟିଏ କର୍ତୃପକ୍ଷ ସୁପ୍ରିମକୋର୍ଟଙ୍କୁ କହିଥିଲେ। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ଦ୍ୱାରା ଦୁର୍ନୀତିର ନିରପେକ୍ଷ ତଦନ୍ତ ଓ ସାନି ପରୀକ୍ଷା ଦାବି ପାଇଁ ମଧ୍ୟ ଦାବି ହୋଇଆସୁଛି। ପୂର୍ବରୁ ମେଡିକାଲ ଶିକ୍ଷା ପାଇଁ ବିଭିନ୍ନ ରାଜ୍ୟରେ ପ୍ରବେଶିକା ପରୀକ୍ଷା ଏବଂ ସର୍ବଭାରତୀୟ କ୍ଷେତ୍ରରେ ଏ.ଆଇ.ପି.ଏମ୍.ଟି ପରୀକ୍ଷା ସମାନ୍ତରାଳ ଭାବେ ଚାଲୁଥିଲା। କିନ୍ତୁ ୨୦୧୬ରୁ ଦେଶବ୍ୟାପୀ ଡାକ୍ତରୀ ଶିକ୍ଷା ପାଇଁ କେନ୍ଦ୍ରୀୟ ପରୀକ୍ଷା ବ୍ୟବସ୍ଥା କରାଯାଇ 'ନିଟ୍'(ନ୍ୟାଶନାଲ୍ ଏଲିଜିବିଲିଟି କମ୍ ଏଂଟ୍ରାନ୍ସ ଟେଷ୍ଟ) ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି, ଯାହାଫଳରେ କୋଚିଂ ସେଂଟରର ପ୍ରାବଲ୍ୟ ବଢ଼ିଚାଲିଛି। ଏହି ସେଂଟରଗୁଡ଼ିକ ଅର୍ଥ ଶୋଷଣକାରୀ ମାର୍କସର୍ବସ୍ୱ ମେସିନ୍ ଭଳି କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଆସୁଛି। ନିଜର ସର୍ବସ୍ୱ ସମ୍ବଳକୁ ବାଜି ଲଗାଇ ଅଭିଭାବକମାନେ ନିଜ ପିଲାମାନଙ୍କୁ ଏହି କୋଚିଂ ଅନୁଷ୍ଠାନରେ ଭର୍ତି କରିବାକୁ ବାଧ୍ୟ ହେଉଛନ୍ତି। ସମ୍ପ୍ରତି ମେଡିକାଲ ଶିକ୍ଷା ପାଇଁ ଅର୍ଥ ହିଁ ମୁଖ୍ୟ ମାପକାଠି ପାଲଟିଛି। ତେବେ ଗତ ମେ' ୫ରେ ଅନୁଷ୍ଠିତ ନିଟ୍-ୟୁଜି ପରୀକ୍ଷା ଦିନଠାରୁ ହିଁ ଏହାର ମୁଖ୍ୟ ପରିଚାଳକ ଏନ୍.ଟି.ଏ.ର ପରୀକ୍ଷା ପରିଚାଳନାରେ ବ୍ୟାପକ ତ୍ରୁଟି ଅଭିଯୋଗ ହୋଇଥିଲା। ଫଳ ପ୍ରକାଶ ପରେ ଅନେକ ଚାଂଚଲ୍ୟକର ଘଟଣା ସାମ୍ନାକୁ ଆସିବା କାରଣରୁ ଛାତ୍ର ଅସନ୍ତୋଷ ତୀବ୍ରତର ହେଲା। ଚଳିତ ବର୍ଷର 'ନିଟ୍' ପରୀକ୍ଷା ଅନେକ ଅଭିଯୋଗରେ ଛନ୍ଦି ହୋଇଯାଇଛି ଏବଂ ଏନ୍‌ଟିଏର ପରୀକ୍ଷା ପରିଚାଳନା ଉପରେ ଅନେକ ପ୍ରଶ୍ନଚିହ୍ନ ଲାଗିଛି। ପ୍ରଥମତଃ, ପଞ୍ଜୀକରଣରୁ ହିଁ ଚଳିତ ବର୍ଷ 'ନିଟ୍' ପରୀକ୍ଷାର ଅନିୟମିତତାର ଅଭିଯୋଗ ଉଠିଥିଲା। ପଞ୍ଜୀକରଣ ପାଇଁ ଆବେଦନ ସମୟ ସୀମା ଫେବୃୟାରୀ ୯ ରୁ ମାର୍ଚ୍ଚ୯ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିବା ବେଳେ ପରବର୍ତୀ ସମୟରେ ଆବେଦନର ଶେଷ ତାରିଖକୁ ମାର୍ଚ୍ଚ୧୬ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିଲା। ହଠାତ୍ ଏପ୍ରିଲ୍ ୯-୧୦ରେ ପଞ୍ଜୀକରଣ ପାଇଁ ପୁଣି ଥରେ ସୁଯୋଗ ଦିଆଗଲା। ଏନ୍.ଟି.ଏର ଏଭଳି ନିଷ୍ପତିକୁ ଅଦ୍ଭୁତ ଓ ସ୍ୱାର୍ଥ ପ୍ରଣୋଦିତ ବୋଲି ସେତେବେଳେ ଅଭିଯୋଗ ଆସିଥିଲା।

ଦ୍ୱିତୀୟତଃ, ନିଟ୍ ୟୁଜିରେ ମୋଟ ୭୨୦ ନମ୍ବରର ପରୀକ୍ଷା ହୋଇଥାଏ। ଚଳିତ ବର୍ଷ ୬୭ ଜଣ ପରୀକ୍ଷାର୍ଥୀ ୭୨୦ ନମ୍ବରରୁ ୭୨୦ ନମ୍ବର ରଖି ଟପ୍ପର ହୋଇଛନ୍ତି। ଗତବର୍ଷ ମାତ୍ର ୨ଜଣ ଓ ୨୦୨୨ରେ ୪ଜଣ ପରୀକ୍ଷାର୍ଥୀ ସର୍ବୋଚ୍ଚ ୭୨୦ ନମ୍ବର ରଖିବାରେ ସକ୍ଷମ ହୋଇଥିଲେ। ତେଣୁ କେଉଁ ଯାଦୁବଳରେ ଚଳିତ ବର୍ଷ ଏକକାଳୀନ ୬୭ଜଣ ପରୀକ୍ଷାର୍ଥୀ ଶତପ୍ରତିଶତ ନମ୍ବର ରଖିପାରିଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି। ତୃତୀୟତଃ, ପରୀକ୍ଷା ନିୟମାବଳୀ କାଗଜରେ ଗ୍ରେସ ମାର୍କ ସମ୍ପର୍କରେ ଉଲ୍ଲେଖ ନଥିଲେ ମଧ୍ୟ ୧୫୬୩ ଜଣ ଛାତ୍ରଛାତ୍ରୀଙ୍କୁ ଗ୍ରେସ୍ ମାର୍କ ଦିଆ ଯାଇଥିଲା। ଏନ୍.ଟି.ଏ. କହିବା ଅନୁଯାୟୀ, କିଛି ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ବିଳମ୍ବରେ ପହଂଚିବା ଏବଂ କିଛି ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ପୁରୁଣା ଏନ୍.ସି.ଇ.ଆର.ଟି. ବହି ବ୍ୟବହାର କଥାକୁ ବିଚାରକୁ ନେଇ ଅତିରିକ୍ତ ମାର୍କ ଦିଆ ଯାଇଛି। ତେବେ ପ୍ରଶ୍ନ ଉଠେ ପରୀକ୍ଷାର୍ଥୀଙ୍କୁ ଅତିରିକ୍ତ ସମୟ ଦିଆ ନ ଯାଇ ଗ୍ରେସ ମାର୍କର ବ୍ୟବସ୍ଥା କାହିଁକି କରାଗଲା କ'ଣ ମେଘାଳୟ, ହରିୟାଣା, ରାଜସ୍ଥାନର ହିଁ କିଛି ନିର୍ଦ୍ଦିଷ୍ଟ କେନ୍ଦ୍ରରେ ଇଚ୍ଛାକୃତ ଭାବେ ବିଳମ୍ବରେ ପ୍ରଶ୍ନପତ୍ର ପହଂଚାଯାଇଥିଲା ? ଏପରିକି ଯେଉଁମାନେ ପୁରୁଣା ସିଲାବସ୍‌ର ବହି ପଢ଼ିଥିଲେ ସେମାନଙ୍କୁ ଚିହ୍ନଟ କିପରି କରାଗଲା ଓ କାହିଁକି ସେମାନଙ୍କୁ ନୂଆ ବହି ଯୋଗାଇଦେବା ବ୍ୟବସ୍ଥା କରାଯାଇ ନଥିଲା ସେ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଚତୁର୍ଥତଃ, ହରିୟାଣାର ଏକ ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ରରେ ୬ ଜଣ ପରୀକ୍ଷାର୍ଥୀ ଶତ ପ୍ରତିଶତ ନମ୍ବର ରଖିଛନ୍ତି। ସେମାନଙ୍କ ରୋଲ ନଂ କ୍ରମାନ୍ୱୟରେ ରହିବା ସବୁଠାରୁ ଆଶ୍ଚର୍ଯ୍ୟଜନକ। ଘଟଣାଚକ୍ରରେ କେଉଁ କାରଣରୁ ମହାରାଷ୍ଟ୍ର, ଓଡ଼ିଶା ଓ କର୍ଣ୍ଣାଟକ ଭଳି ୧୬ଟି ରାଜ୍ୟର ବହୁ ପରୀକ୍ଷାର୍ଥୀ ୧୦୦୦ କିଲୋମିଟରରୁ ଅଧିକ ଦୂରତାରେ ଥିବା ହରିୟାଣାର ଏହି କେନ୍ଦ୍ରଟିକୁ ଡେସଟିନେସନ୍ ସେଂଟର ଭାବେ ବାଛିଲେ ତାହା ପରୀକ୍ଷାରେ ସ୍ୱଚ୍ଛତାକୁ ନେଇ ସ୍ୱତଃ ସନ୍ଦେହ ସୃଷ୍ଟି କରୁଛି। ପଂଚମତଃ, ମେଧା ତାଲିକାର ୬୮ ଓ ୬୯ତମ ସ୍ଥାନରେ ଥିବା ପରୀକ୍ଷାର୍ଥୀ ଯଥାକ୍ରମେ ୭୧୯ ଓ ୭୧୮ ମାର୍କ ପାଇଛନ୍ତି, ଯାହା ପରୀକ୍ଷା ମୂଲ୍ୟାୟନ ଅନୁଯାୟୀ ଆଦୌ ସମ୍ଭବ ନୁହେଁ। କାରଣ ଗୋଟିଏ ସଠିକ୍ ଉତର ପାଇଁ ୪ମାର୍କ ଦିଆଯିବା ବେଳେ ଗୋଟିଏ ଭୁଲ୍ ଉତର ପାଇଁ ୧ମାର୍କ କଟାଯିବାର ନିୟମ ରହିଛି। ଷଷ୍ଠତଃ, ପ୍ରଶ୍ନପତ୍ରରେ ପଦାର୍ଥ ବିଜ୍ଞାନ ଉପରେ ଥିବା ଗୋଟିଏ ପ୍ରଶ୍ନର ସମ୍ଭାବ୍ୟ ଉତରଗୁଡ଼ିକ ମଧ୍ୟରୁ ଦୁଇଟି ଉତର ସଠିକ୍ ଥିଲା। ଏହି ପ୍ରଶ୍ନର ଉତର ଦେଇଥିବା ପରୀକ୍ଷାର୍ଥୀଙ୍କୁ ଏନ୍.ଟି.ଏ. ପକ୍ଷରୁ ୫ମାର୍କ ଗ୍ରେସ ମାର୍କ ଭାବେ ଦିଆଯାଇଛି। ସପ୍ତମରେ, ପୂର୍ବ ନିର୍ଦ୍ଧାରିତ ସୂଚୀ ଜୁନ୍ ୧୪ ପରିବର୍ତେ ଆଶ୍ଚର୍ଯ୍ୟଜନକ ଭାବେ ଦଶଦିନ ଆଗରୁ ଅର୍ଥାତ୍ ଠିକ୍ ଲୋକସଭା ନିର୍ବାଚନ ଫଳ ଘୋଷଣା ଦିନ ତରବରିଆ ଭାବେ 'ନିଟ୍' ପରୀକ୍ଷା ଫଳ ପ୍ରକାଶ କରାଗଲା। ଏଥିରୁ ସନ୍ଦେହ ସୃଷ୍ଟି ହୁଏ ଯେ ନିର୍ବାଚନୀ ଫଳାଫଳର କୋଳାହଳ ଭିତରେ 'ନିଟ୍' ପରୀକ୍ଷାର ଦୁର୍ନୀତିକୁ ଲୁଚାଇବାର ଅପଚେଷ୍ଟା କରାଯାଇନି ତ ? ବୋଧହୁଏ ପରୀକ୍ଷା ଇତିହାସରେ ଫଳ ପ୍ରକାଶ ତାରିଖ ପଛକୁ ଘୁଂଚି ଆସିବା ଏକ ବିରଳ ଘଟଣା। ଅଷ୍ଟମରେ, ପ୍ରଶ୍ନପତ୍ର ଲିକ୍ ଅଭିଯୋଗରେ ଦେଶର ବିଭିନ୍ନ ସ୍ଥାନରୁ ଅନେକ ଲୋକ ଏହି ମାମଲାରେ ଗିରଫ ହୋଇ ସାରିଲେଣି ଏବଂ ୯ଜଣ ପରୀକ୍ଷାର୍ଥୀଙ୍କୁ ନୋଟିସ୍ ପଠାଯାଇଛି। ପୂର୍ବରୁ ମଧ୍ୟ ଏନ୍.ଟି.ଏ. ଦ୍ୱାରା ପରିଚାଳିତ ୭୦ଟି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ହୋଇଛି। ୨୦୧୭ରେ ଏହି ସଂସ୍ଥା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ୨୦୧୮ରେ ନିଟ୍-ୟୁଜି, ଜେଇଇ (ମେନ୍), ସିମ୍ୟାଟ୍, ଜିପ୍ୟାଟ୍ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପରିଚାଳକ ରୂପେ ଦାୟିତ୍ୱ ଦିଆଗଲା। ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ, ନିଟ୍, ସି.ୟୁ.ଇ.ଟି. ଆଦି ପରୀକ୍ଷା ମଧ୍ୟ ଏନ୍‌ଟିଏ ପରିଚାଳନା କରୁଛି। ଅଭିଯୋଗ ହେଉଛି ଯେ ଏହିଭଳି କେନ୍ଦ୍ରୀୟ ପରୀକ୍ଷା ବ୍ୟବସ୍ଥା କରାଯିବା ଦ୍ୱାରା ହିଁ କୋଚିଂ ସେଂଟରର ବ୍ୟବସାୟ ସହଜରେ ବୃଦ୍ଧି ପାଉଛି। ଆମ ଦେଶରେ କୋଚିଂ ସେଂଟରର ବ୍ୟବସାୟ ଏବେ ପ୍ରାୟ ୫୮,୦୦୦ କୋଟି ଟଙ୍କାର ହୋଇଥିବା ବେଳେ ୨୦୨୮ ସୁଦ୍ଧା ଏହା ୧.୩୩ ଲକ୍ଷ କୋଟି ଟଙ୍କାରେ ପହଂଚି ସାରିଥିବ ବୋଲି ଆକଳନ କରାଯାଇଛି। ତେଣୁ ସ୍ୱଭାବତଃ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ପିଲାମାନେ ମେଡିକାଲ୍ ପାଠପଢ଼ା ଦୌଡ଼ରେ ପଛରେ ରହି ଯାଉଛନ୍ତି। ପିଲାଙ୍କ ସାମଗ୍ରିକ ପ୍ରଦର୍ଶନକୁ ସମ୍ପୂର୍ଣ୍ଣ ଅଣଦେଖା କରି କେବଳ ପ୍ରବେଶିକା ପରୀକ୍ଷାର ମାର୍କ ଉପରେ ସବୁକିଛି ନିର୍ଭର କରିବା ଏକ ଅବୈଜ୍ଞାନିକ ଚୟନ ପ୍ରକ୍ରିୟା ବୋଲି କେତେକ ଶିକ୍ଷାବିତ୍ ମତ ଦେଇଛନ୍ତି। ଏକ ତଥ୍ୟ ଅନୁଯାୟୀ, ୨୦୧୯-୨୧ ମଧ୍ୟରେ ଆମ ଦେଶରେ ପ୍ରାୟ ୩୫,୦୦୦ ଶିକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ସାମାଜିକ ଓ ଆର୍ଥିକ ବୈଷମ୍ୟ ହିଁ ଏଥିପାଇଁ ମୂଳତଃ ଦାୟୀ। ଡାକ୍ତରୀ ଶିକ୍ଷାର କେନ୍ଦ୍ରୀକରଣ ଓ ବ୍ୟବସାୟୀକରଣ ହେବା ଦ୍ୱାରା ସଂଘୀୟ ବ୍ୟବସ୍ଥା ବ୍ୟାହତ ହେବା ସହ ଡାକ୍ତରୀ ପେଶାର ମୂଲ୍ୟବୋଧରେ ଅବକ୍ଷୟ ଘଟିଥିବା ମଧ୍ୟ ମତ ପ୍ରକାଶ ପାଇଛି। ୨୦୨୧ ମସିହାରେ ତାମିଲନାଡୁରେ ଏ କେ ରାଜନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ ଅନୁଯାୟୀ, ନିଟ୍ ପରୀକ୍ଷା ଗ୍ରାମାଞ୍ଚଳ ଓ ଗରିବ ପିଲାଙ୍କୁ ଡାକ୍ତରୀ ଶିକ୍ଷାରୁ ବଂଚିତ କରୁଛି। ଅପରପକ୍ଷରେ ବ୍ୟୟବହୁଳ ଶିକ୍ଷା ବ୍ୟବସ୍ଥା ଡାକ୍ତରଙ୍କ ସେବା ପରାୟଣତାକୁ କ୍ଷୁଣ୍ଣ କରୁଛି। ଏହି ଧାରା ଜାରି ରହିଲେ ଭବିଷ୍ୟତରେ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଏହା ଏକ ବଡ଼ ଆହ୍ୱାନ ସୃଷ୍ଟି କରିବ। ଏହି ଆହ୍ୱାନର ମୁକାବିଲା ପାଇଁ 'ନିଟ୍' ପରୀକ୍ଷାକୁ ଉଚ୍ଛେଦ କରି ପୂର୍ବଭଳି ପରୀକ୍ଷା କରାଯିବା ସପକ୍ଷରେ ମତ ପ୍ରକାଶ ପାଇଛି। ଏହାର ସ୍ଥାୟୀ ସମାଧାନ ଭାବେ ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ ଓ କେନ୍ଦ୍ରୀକରଣ ବନ୍ଦ ହେବା ନିତାନ୍ତ ଜରୁରୀ। ଶିକ୍ଷାର ବଜେଟ ବୃଦ୍ଧି କରି ସମସ୍ତଙ୍କ ପାଇଁ ନିଃଶୁଳ୍କ, ଗୁଣାତ୍ମକ ଓ ବିଜ୍ଞାନସମ୍ମତ ଶିକ୍ଷାଦାନକୁ ସୁନିଶ୍ଚିତ କରିବା ରାଷ୍ଟ୍ରର ପ୍ରାଥମିକ ଦାୟିତ୍ୱ ହେବା ଉଚିତ୍। ଏହାଦ୍ୱାରା ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ପିଲା ଆଉ କହିବେନି, 'ଡାକ୍ତର ହେବା ଆମ ପାଇଁ ଦିବା ସ୍ୱପ୍ନ।'

# ୨.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆଣିବାକୁ ଓଡ଼ିଶା ସରକାର ଲକ୍ଷ୍ୟ ରଖିଛନ୍ତି: ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ

ଭୁବନେଶ୍ୱର: ବଦଳିପାରେ ମେକ୍ ଇନ୍ ଓଡ଼ିଶା ନାଁ। ଏନେଇ ଇସାରା ଦେଇଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ। ମେକ୍ ଇନ୍ ଓଡ଼ିଶା ନାଁ ବଦଳାଇ ଉତ୍କଳ ଇନଭେଷ୍ଟ ସମ୍ମିଟ ହୋଇପାରେ। ଯାହା ଜରିଆରେ ୨.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆଣିବାକୁ ସରକାର ଲକ୍ଷ୍ୟ ରଖିଥିବା କହିଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ। ସେ କହିଛନ୍ତି, ଓଡ଼ିଶାକୁ କିଭଳି ନୂଆ ଶିଳ୍ପ ଆସିବ। ଓଡ଼ିଶାକୁ ଶିଳ୍ପକ୍ଷେତ୍ରରେ କିଭଳି ଆଗକୁ ନିଆଯିବ ସେନେଇ ଆଲୋଚନା ହୋଇଛି। ୨୦୨୭ ସୁଦ୍ଧା ଇଣ୍ଡଷ୍ଟ୍ରିଆଲ କରିଡରକୁ ବିକଶିତ କରିବୁ। ଓଡ଼ିଶାରେ ପ୍ରାକୃତିକ ସମ୍ପଦ ପ୍ରଚୁର ମାତ୍ରାରେ ରହିଛି। ଏଠାରେ ପାଣି, ଖଣି ଓ ଲମ୍ବା ସମୁଦ୍ରତଟ ରହିଛି। ତେଣୁ ଏହା ଜରିଆରେ ଓଡ଼ିଶାକୁ ଶିଳ୍ପସମୃଦ୍ଧ କରାଯିବ। ଶିଳ୍ପକୁ ୧୦୦



ଦିନର ପ୍ଲାନ ରହିଛି, ତାହାର ରୂପରେଖ ପ୍ରସ୍ତୁତ ଚାଲିଛି।। ଏନେଇ ଖୁବଶୀଘ୍ର ସରକାର ଅବଗତ କରିବେ ବୋଲି କହିଛନ୍ତି ବିଭାଗୀୟ ମନ୍ତ୍ରୀ ସମ୍ପଦ ସ୍ୱାଇଁ।

# ଦୁର୍ନୀତି, ଭ୍ରଷ୍ଟାଚାରକୁ ଲୁଚାଇବା ପାଇଁ ବିଜେଡିର ପ୍ରଳାପ : ସଜ୍ଜନ ଶର୍ମା

ଭୁବନେଶ୍ୱର, : ବିଜେଡି ସରକାର ୨୫ ବର୍ଷ ଧରି ନିରୁଙ୍କଶ ଶାସନରେ ଥିବା ସତ୍ୱେ ରାଜ୍ୟର ସାମୁହିକ ସ୍ୱାର୍ଥକୁ ଅଣଦେଖା କରି ଚାଲିଥିଲା । ଫଳସ୍ୱରୁପ ଓଡିଶାର ବିକାଶ ବାଧାପ୍ରାପ୍ତ ହେଲା । ଦୁର୍ନୀତି, ଭ୍ରଷ୍ଟାଚାର, ବ୍ୟାଭୀଚାରରେ ଲିପ୍ତ ବିଜେଡି ସରକାରର ମନ୍ତ୍ରୀ ଓ ନେତାମାନେ ସ୍ୱର୍ଣ୍ଣଗର୍ଭା ଓଡିଶାକୁ ଲୁଟ୍ କରିଛନ୍ତି । ବିଜେଡି ଶାସନରେ ଅଣନିଶ୍ୱାସୀ ଓଡିଶାବାସୀ ପରିବର୍ତନ ମୁହାଁ ହୋଇ ବିଜେପିକୁ ଶାସନ ଭାର ଦେଲେ । ଆଜି ଯେତେବେଳେ ଧୀରେ ଧୀରେ ବିଜେଡି ନେତା ଓ ମନ୍ତ୍ରୀଙ୍କ ଅସଲ ମୁଖା ସାମ୍ନାକୁ ଆସୁଛି, ବିବ୍ରତ ହୋଇ ବିଜେଡିର ନେତାମାନେ ଗଣମାଧମକୁ ପୁଣି ଥରେ ବିଭ୍ରାନ୍ତ ବକ୍ତବ୍ୟ ଦେଇ ଖସିଯିବାକୁ ଅପଚେଷ୍ଟା କରୁଛନ୍ତି ବୋଲି ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି ।



ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରେସ ବିଜ୍ଞପ୍ତିରେ ଶ୍ରୀ ଶର୍ମା କହିଛନ୍ତି ଯେ, ଦୀର୍ଘ ୨୫ ବର୍ଷ ଧରି ବିଜେଡି ସରକାର ଶୋଇ ରହିଥିଲା । ଓଡିଶାରେ ଅପାର ସମ୍ଭାବନା ସତ୍ୱେ ନିଜ ଅପାରଗତା ଏବଂ ଦୁରଦୃଷ୍ଟି ଅଭାବ କାରଣରୁ ବିଜେଡି ସରକାର ହିରାକୁଦ ନଦୀବନ୍ଧର ତଳ ଭାଗରେ ଗୋଟିଏ ହେଲେ ବନ୍ଧ ନିର୍ମାଣ କରିପାରିଲେ ନାହିଁ । କେବଳ ମହାନଦୀ ନୁହେଁ, ରାଜ୍ୟର କୌଣସି ଗୋଟିଏ ନଦୀରେ ବନ୍ଧ ନିର୍ମାଣ ସଂପୂର୍ଣ୍ଣ କରିପାରିଲେ ନାହିଁ । ଜଳସେଚନ, ଜଳସଂରକ୍ଷଣ ପାଇଁ ଆସିଥିବା ଲକ୍ଷାଧିକ କୋଟି ଟଙ୍କା ବାଟମାରଣା କରାଗଲା । ସବୁଜ ମହାନଦୀ ବାବଦରେ ବନୀକରଣ ପାଇଁ ଆସିଥିବା ଶହ ଶହ କୋଟି ଟଙ୍କାକୁ ଚଳୁ କରିଦେଇଛନ୍ତି । ନବୀନ ବାବୁ ନିଜେ ଆଲୋଚନାରୁ ଦୂରେଇ ଯାଇ ଟ୍ରିବ୍ୟୁନାଲକୁ ଯାଇଛନ୍ତି, ବିଜେପି ଓଡ଼ିଶାର ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ।

# ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରଥମ ୧୦୦ ଦିନ ଭିତରେ କାର୍ଯ୍ୟାନ୍ୱୟନ ପ୍ରକଳ୍ପଗୁଡ଼ିକର ସମୀକ୍ଷା

ଭୁବନେଶ୍ୱର, : ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକଗୁରୁବାର ଦିନ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଓସ୍ୱାନ୍ ହଲ୍ ରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଶ୍ରୀ ସିଂହ ରାଜ୍ୟର ସମସ୍ତ ଗ୍ରାମ୍ୟ ଉନ୍ନୟନ ଡିଭିଜନ୍ ର କାର୍ଯ୍ୟର ସମୀକ୍ଷା କରିଥିଲେ । ସମସ୍ତ ସର୍କଲ ଓ ଡିଭିଜନ୍ ର ବିଭାଗୀୟ ଅଧିକାରୀମାନେ ଆଭାସି ମାଧ୍ୟମରେ ଏହି ସମୀକ୍ଷା ବୈଠକରେ ସାମିଲ ହୋଇ ନିର୍ମାଣାଧିନ ଥିବା ସମସ୍ତ ପ୍ରକଳ୍ପର ସ୍ଥିତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗଗୁଡ଼ିକ ବିଷୟରେ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ । ସମୀକ୍ଷା ବୈଠକରେ ପ୍ରାରମ୍ଭରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୧୦୦ ଦିନ ମଧ୍ୟରେ କାର୍ଯ୍ୟାନ୍ୱୟନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଉକ୍ତ ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗଗୁଡ଼ିକର ସମୀକ୍ଷା କରାଯାଇଥିଲା । ଏହା ପାରେ ଆଗାମୀ ୧୦୦ ଦିନ ମଧ୍ୟରେ କେଉଁ ସମସ୍ତ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ହେବ ସେ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉକ୍ତ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ସିଂହ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରତିଟି ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ସହ ନିର୍ମାଣର ଗୁଣବତା ଉପରେ ଗୁରୁତ୍ୱ ଦେବା ପାଇଁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଶତପ୍ରତିଶତ ପ୍ରଶାସନିକ ଅନୁମୋଦନ ସହ ବାକି ରହିଥିବା ଟେଣ୍ଡର ପ୍ରକ୍ରିୟା ଯଦି କିଛି ରହିଥାଏ ତା'କୁ ଶେଷ କରିବାକୁ କହିଥିଲେ । ସେହିପରି ବିଜୁ ସେତୁ ଯୋଜନା ଅଧିନରେ ବିଭିନ୍ନ ଜିଲ୍ଲାରେ ଚାଲୁ ରହିଥିବା ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ବନ୍ଧରେ ପଚାରି ବୁଝିବା ସହ ଆପ୍ରୋଚ ରୋଡଗୁଡିକୁ ଯଥା ସମୟରେ ସାରିବାକୁ ବୈଠକରେ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା । ନିର୍ବାହୀ ଯନ୍ତ୍ରୀମାନେ ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ପ୍ରଦାନ କରିବା ସମୟରେ କେଉଁ ଯୋଜନା ଏବଂ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେଇପାରୁଛି ସେଗୁଡିକୁ ଅନୁଧାନପୂର୍ବକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୨୦୨୧-୨୨ ଆର୍ଥିକ ବର୍ଷ ପୂର୍ବରୁ ବାକି ରହିଥିବା ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ବନ୍ଧରେ ବୁଝିବା ସହ ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ହାତକୁ ନିଆ ଯାଇଥିବା ସମସ୍ତ ପ୍ରକଳ୍ପଗୁଡିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଗଲା । ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧିନରେ ଚାଲୁ ରହିଥିବା ପ୍ରକଳ୍ପଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସାରିବା ସହିତ ୨୦୨୧-୨୨ ପୂର୍ବରୁ ଚାଲୁ ରହିଥିବା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଜରୁରୀ ବୋଲି ଶ୍ରୀ ସିଂହ କହିଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅଧିନରେ ସମ୍ପୂର୍ଣ୍ଣ ହୋଇଥିବା ରାସ୍ତାଗୁଡିକର ନିୟମିତ ଓ ସାମୟିକ ରକ୍ଷଣାବେକ୍ଷଣ ନିମନ୍ତେ ସମ୍ପୃକ୍ତ ସଂସ୍ଥାଗୁଡିକ ସହିତ ବୁଝାମଣା କରି କାର୍ଯ୍ୟ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ । ପ୍ରକଳ୍ପ କାର୍ଯ୍ୟ ସମୟରେ ଜମି ଅଧିଗ୍ରହଣରେ ଉପୁଜୁ ଥିବା ସମସ୍ୟା, ବିଶେଷ କରି ଜଙ୍ଗଲ ଜମିଗୁଡିକ ପାଇଁ ଔପଚାରିକତା ସମ୍ପୂର୍ଣ୍ଣ କରି ବିଭାଗକୁ ଜଣାଇବାକୁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ମୁଖ୍ୟମନ୍ତ୍ରୀ ସଡକ ଯୋଜନା, କୋଠାବାଡି, ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ସମୀକ୍ଷା

# ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧିକୁ ରୋକିବା ମନ୍ତ୍ରୀଙ୍କ ପରାମର୍ଶ

ମାଲକାନଗିରି: ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତ କରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ସରକାରଙ୍କ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସମସ୍ତ ପ୍ରକାର ବ୍ୟବସ୍ଥା ଜିଲ୍ଲାରେ କିପରି ଭାବରେ ସୁସ୍ଥ ବାତାବରଣରେ ସମସ୍ତ ଖାଉଟିମାନଙ୍କ ପାଖକୁ ସୁରୁଖୁରୁରେ ପହଞ୍ଚିବ ସେଥିପ୍ରତି ଯତ୍ନବାନ ହେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନିୟମିତ ବ୍ୟବଧାନରେ ପେଟ୍ରୋଲ ପମ୍ପ ଗୁଡ଼ିକୁ ତନଖି କରିବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଛି। ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧିକୁ ରୋକିବା ପାଇଁ ବିହିତ ପଦକ୍ଷେପ ନିମନ୍ତେ ଯୋଗାଣ ବିଭାଗକୁ ପରାମର୍ଶ ଦିଆଯାଇଛି। ମୃତ ଓ



ଅଯୋଗ୍ୟ ହିତାଧିକାରୀଙ୍କୁ ବାଦଦେଇ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରି ରାସନ୍ କାର୍ଡରେ ସାମିଲ ପାଇଁ ପଦକ୍ଷେପ ନେବା ପାଇଁ କୁହାଯାଇଛି। ଧାନ ଓ ଚାଉଳର ସଂରକ୍ଷଣ ନିମନ୍ତେ ଗୋଦାମ ଗୃହ ବର୍ଦ୍ଧିତ ଉପରେ ମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ସଚିନ ପାୱାର ବିଭାଗୀୟ ମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିବା ନିର୍ଦ୍ଦେଶ ଗୁଡ଼ିକୁ ପାଳନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଏକ ନୂତନ ସାଇନ୍ସ ପାର୍କ କିମ୍ବା ସାଇନ୍ସ ପ୍ଲାନେଟୋରିୟମ ସ୍ଥାପନ ନିମନ୍ତେ ପ୍ରସ୍ତାବ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏଥି ନିମନ୍ତେ ସମସ୍ତ ପ୍ରକାର ସହଯୋଗ ଓ ବଜେଟ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଜିଲ୍ଲା ତଥା ରାଜ୍ୟକୁ ବିକାଶ ପଥରେ ଆଗେଇ ନେବା ପାଇଁ ସମସ୍ତ ଅଧିକାରୀଙ୍କ ସହଯୋଗ କାମନା କରିଥିଲେ। ପରିଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ବୈଠକରେ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଓ ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲୁ ମଞ୍ଚାସୀନ ଥିଲେ। ସିଏସଓ, ମନମୋହନ ପଟ୍ଟନାୟକଙ୍କ ସମେତ ସମସ୍ତ ବିଡ଼ିଓ, ତହସିଲଦାର ଓ ଜିଲ୍ଲାର ଅନ୍ୟାନ୍ୟ ଅଧିକାରୀ ଏହି ବୈଠକରେ ଯୋଗ ଦେଇଥିଲେ।

# ବେଆଇନ ବାଲି ଉଠାଣ ଯୋଗୁଁ ନଦୀବନ୍ଧ ଦୁର୍ବଳ ହେଉଛି: ପ୍ରଶାସନ ନିରବ ଦ୍ରଷ୍ଟା

ଜଗତସିଂହପୁର : ଜଗତସିଂହପୁର ଜିଲ୍ଲାର ରାଜସ୍ୱ ବିଭାଗ, ଖଣି ବିଭାଗ ଓ ପୋଲିସ ବିଭାଗର ଦାଇତ୍ୱ ହୀନତା ଯୋଗୁଁ ଜିଲ୍ଲାରେ ପ୍ରବାହିତ ମହାନଦୀ, ପାଇକା, ଦେବୀ, ବିଲୁଆଖାଇ ନଦୀ ଶଯ୍ୟାରୁ ବ୍ୟାପକ ଭାବେ ବେଆଇନ ବାଲି ଉଠାଣ କରାଯାଉଛି। ରାଜସ୍ୱ ବିଭାଗ ଉଦାସୀନତା ଯୋଗୁଁ ବାଲି ଘାଟ ନିଲାମ କାର୍ଯ୍ୟକ୍ରମ ସଠିକ ଭାବେ କରାନଯାଇ ବିବାଦମାନ ଅବସ୍ଥାରେ ରଖାଯାଇଛି। ଅପରପକ୍ଷରେ ଗୃହ ନିର୍ମାଣ ଠାରୁ ରାସ୍ତା ନିର୍ମାଣ କାର୍ଯ୍ୟ ଜିଲ୍ଲାରେ ବ୍ୟାପକ ଭାବେ ଚାଲିଥିବାରୁ ବାଲିର ଆବଶ୍ୟକତା ପୂରଣ ପାଇଁ ଚୋରା ବାଲି ମାଫିଆ ମାନେ ସକ୍ରିୟ ହୋଇପଡିଛନ୍ତି। ବିଡମ୍ବନାର ବିଷୟ ଯେ ଜିଲ୍ଲାରେ ବ୍ୟାପକ ଭାବେ ଚୋରା ବାଲି କାରବାର ଯୋଗୁଁ ନଦୀବନ୍ଧ ଦୁର୍ବଳ ହେବା ସହିତ ରାସ୍ତା ଘାଟର ମଧ୍ୟ ବ୍ୟାପକ କ୍ଷତି ଘଟୁଛି। ଏଭଳି ସ୍ଥିତିରେ ବନ୍ୟା ପ୍ରବଣ ଜଗତସିଂହପୁର ଜିଲ୍ଲାରେ ବର୍ଷା ଦିନ ଆରମ୍ଭରୁ ନଦୀବନ୍ଧ ଦୁର୍ବଳ ହୋଇ ପଡୁଥିବାରୁ ଜନସାଧାରଣ ଚିନ୍ତିତ ଅବସ୍ଥାରେ ଅଛନ୍ତି। ଏଠାରେ ପ୍ରକାଶ ଥାଉକି ୯୩ ମସିହାରେ ଗଠିତ ଜଗତସିଂହପୁର ଜିଲ୍ଲାର ସୀମା ସରହଦୀ ବିବାଦମାନ ହୋଇ ପଡ଼ିଥିବାରୁ ନଦୀ ଶଯ୍ୟାରେ ମଧ୍ୟ ଜିଲ୍ଲାର ଏରିଆ ଚିହ୍ନଟ ହୋଇପାରୁନାହିଁ। ଯଥା ଦେବୀନଦୀ ଶଯ୍ୟାରେ ଗୋଟିଏ ପଟେ ଜଗତସିଂହପୁର ତହସିଲ ଅଧୀନରେ ଥିବା ଆଳିପିଙ୍ଗଳ ବାଲିଘାଟ ନିଲାମ ନହୋଇ ବିବାଦ ମାନ ଅବସ୍ଥାରେ ପଡିଥିବା ସମୟରେ ନଦୀର ଅପର ପାଶ୍ୱରେ ଥିବା କଟକ ଜିଲ୍ଲାର ନିଆଳି ତହସିଲ ଅଧିନ ବଛା ସାଇଲୋ ବାଲିଘାଟ ଚାଲୁରହିଛି। କଟକ ଜିଲ୍ଲାର ବାଲି ମାଫିଆ ମାନେ ଜଗତସିଂହପୁର ଜିଲ୍ଲାର ବାଲି ମାଫିଆ ମାନଙ୍କୁ ହାତ ମିଶେଇବା ସହିତ ସ୍ଥାନୀୟ ତହସିଲଦାର, ଖଣି ବିଭାଗ ଅଧିକାରୀ ଓ ପୋଲିସକୁ ହାତକରି ବେଆଇନ ଭାବେ ବାଲି ଉଠାଣ କରିଚାଲିଛନ୍ତି। ଏପରିକି ଜଗତସିଂହପୁର ତହସିଲ ଅଧିନ କୋରୁଆ, ନାଉଗାଁ ତହସିଲ ଅଧିନ ଏରଡ଼ା ଘାଟରୁ ଦୈନିକ ଶହ ଶହ ଟ୍ରିପ ବେଆଇନ ବାଲି ଚାଲାଣ ହେବାରୁ ନଦୀବନ୍ଧ ଦୁର୍ବଳ ହେବାକୁ ଯାଉଛି। ଅନୁରୂପ ଭାବେ ମହାନଦୀ ଓ ପାଇକା ନଦୀ ଶଯ୍ୟାରେ କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲା ମଧ୍ୟରେ ସୀମା ବିବାଦ ଲାଗି ରହିଛି। ଏଭଳି ସ୍ଥିତିରେ ବାଲିଘାଟ ନିର୍ଦ୍ଧାରଣ ଓ ନିଲାମ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଥିବା ସମୟରେ ମାଫିଆ ମାନଙ୍କ ଦ୍ୱାରା ବେଆଇନ ବାଲିଚାଲାଣ ଯୋଗୁଁନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି। ବନ୍ୟା ପ୍ରବଣ ଜଗତସିଂହପୁରକୁ ବନ୍ୟା ଦାଉରୁ ରକ୍ଷା ପାଇବାକୁ ହେଲେ ବେଆଇନ ବାଲି ଚାଲାଣ ବନ୍ଦ କରିବା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ଜନସାଧାରଣ ଦାବି କରିଛନ୍ତି।

## ଦୁର୍ଘଟଣା ବଢାଉଛି ଜାତୀୟ ରାଜପଥର ଗର୍ତ୍ତ ଅକାଳରେ ଚାଲି ଯାଉଛି ଜୀବନ



କେନ୍ଦୁଝର, : କେନ୍ଦୁଝର ଜିଲ୍ଲା ଲାଇଫ ଲାଇନ କୁହାଯାଉଥିବା ୨୦ନଂ ଜାତୀୟରାଜପଥ ଦେଇ ଯୋଡ଼ା-ବଡ଼ବିଲ ଦେଇ ସିଧା ଖଣିକ୍ଷେତ୍ର କୁ ଭାରୀଯାନ ଯାତାୟତ କରୁଥିବାରୁ ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି ।ରାସ୍ତା ମରାମତି ହେଉନଥିବାରୁ ଲୋକେ ବାଇକ୍ କାର୍ ପରି ଛୋଟବଡ ଗାଡି ଧରି ଯାତାୟତ କଲାବେଳେ ଦୁର୍ଘଟଣାର ଶିକାର ହେବା ସହିତ ଗୁରୁତର ହୋଇ ମୃତ୍ୟୁ ବରଣ କରୁଛନ୍ତି ।ତେବେ ଏହି ସମସ୍ୟା ନେଇ ଅଭିଯୋଗ ହୋଇ ଆସୁଥିଲେହେଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଜନସାଧାରଣ ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ପାଣିକୋଇଲି ଠାରୁ ରଜାମୁଣ୍ଡା ପର୍ଯ୍ୟନ୍ତ ଜାତୀୟ ରାଜପଥ ୨୦ନମ୍ବର ହୋଇଥିବାବେଳେ ଏହି ରାସ୍ତା ଦେଇ ପ୍ରତେକ ଦିନ ହଜାର ହଜାର ସଂଖ୍ୟକ ଭାରିଯାନ ଚଳାଚଳ କରୁଛି ।ତ୍ୱେ ଭାରିଯାନ ଚଳାଚଳ କରିବା ଫଳରେ ଜାତୀୟ ରାଜପଥ ମଝିରେ ରାସ୍ତା ଦବି ଯାଇଛି। ମୋଟର ସାଇକେଲ, ସାଇକେଲ, ସ୍କୁଟି ଆରୋହୀ ମାନେ ଛୋଟ ଚକ ଯୋଗୁଁ ଦବି ଯାଇଥିବା ରାସ୍ତାରେ ଚକ ପଡି କେତେବେଳେଯେ ଟ୍ରକ ଚକ ତଳେ ତ କେତେବେଳେ ସିଧା ଟ୍ରକରେ ବାଡେଇ ହୋଇ ଖଣ୍ଡିଆ ଖାବରା ହେବା ସହିତ ମୃତ୍ୟୁ ମୁଖରେ ପଡୁଛନ୍ତି ।ଅଧିକାଂଶ ଦୁର୍ଘଟଣା କେବଳ ଜାତୀୟ ରାଜପଥ ଅଧିକାରୀଙ୍କ ଖାମଖିଆଲି ଯୋଗୁଁ ହେଉଥିବା ସମାଜସେବୀ ଜୟକୃଷ୍ଣ ନାଏକ କହିଛନ୍ତି ।ବିଶେଷ କରି ବାଲିଆଗୋଡା ଠାରୁ ଆରମ୍ଭ କରି ରାଇସୁଆଁ ଓଭରବ୍ରିଜ,ପଦ୍ମପୁର, ପଳାଶପଙ୍ଗା ଓଭରବ୍ରିଜ,ଓଡ଼ିଶା ସ୍ୱଞ୍ଜି ଛକ ପର୍ଯ୍ୟନ୍ତ ରାସ୍ତା ମରଣଜନ୍ତା ପାଲଟିଛି ।ରାସ୍ତା ମଝିରେ ମଝିରେ ବିରାଟକାୟ ଗର୍ତ୍ତ ସୃଷ୍ଟି ହୋଇଯାଇଥିବାବେଳେ ରାସ୍ତା ଭାଙ୍ଗି ରୁଜି ଦୁର୍ବିସହ ହୋଇ ପଡିଛି। ଏହି ଖାଲରେ ପଡ଼ି ବହୁ ସମୟରେ ସାଇକେଲ,ମୋଟର ସାଇକେଲ ଓ ସ୍କୁଟି ଆରୋହୀ ମୃତ୍ୟୁ ମୁଖରେ ପଡୁଥିବା ପଦ୍ମପୁର ଗ୍ରାମର ସରୋଜ ସାହୁ କହିଛନ୍ତି ।ଦୈନିକ ଲକ୍ଷ ଲକ୍ଷ ଟଙ୍କା ଟୋଲ ଟାକ୍ସ ଆଦାୟ ହେଉଥିଲେ ମଧ୍ୟ ରାସ୍ତା ମରାମତି କରିବା କଥା ବିଭାଗୀୟ ଅଧିକାରୀଙ୍କ ନଜରରେ ପଡୁନି ।ଜିଲ୍ଲା ପରିବହନ ବିଭାଗ, ଏମଭିଆଇ, ଅବକାରୀ,ପୋଲିସ ଆଦି ଅଧିକାରୀମାନେ ସେ ରାସ୍ତାରେ ଗାଡ଼ି ଯାଞ୍ଚ କରୁଥିଲେ ମଧ୍ୟ ରାସ୍ତାର ଦୂରାବସ୍ଥା ପାଇଁ କୌଣସି ଅଧିକାରୀ ଜିଲ୍ଲାପାଳଙ୍କୁ ଅବଗତ ନ କରିବା ଅତି ଦୁର୍ଭାଗ୍ୟର ବିଷୟ ବୋଲି ହାଡିବନ୍ଧୁ ନାଏକ,ସୁଜନ ଦେହୁରୀ, ଶମ୍ଭୁନାଥ ନାଏକ କହିଛନ୍ତି ।ଏଣୁ ଭାଙ୍ଗି ପଡ଼ିଥିବା ଓ ବ୍ଲାକ ହୋଲ ସୃଷ୍ଟି ହୋଇଥିବା ଜାତୀୟ ରାଜପଥ ୨୦ କୁ ତୁରନ୍ତ ମରାମତି କରିବା ଓ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଶୈଳବାଳା ପରିଡ଼ା,ପୁଷ୍ପାଞ୍ଜଳି ବେହେରା,ରଞ୍ଜିତା ବେହେରା,କାର୍ତ୍ତିକ ମହାକୁଡ,ପ୍ରସନ ମହାପାତ୍ର,ରୁଦ୍ର ଘଣା ପ୍ରମୁଖ ଅଭିଯୋଗ କରିଛନ୍ତି।

## ଲିଙ୍ଗରାଜ କୋଇଲାଖଣିରେ ଏମସିଏଲ ସିକ୍ୟୁରିଟି ଅଧିକାରୀ ଦୁର୍ନୀତିରେ ସଂପୃକ୍ତ ଅଭିଯୋଗ

ତାଳଚେର, : ସ୍ଥାନୀୟ ଲିଙ୍ଗରାଜ କୋଇଲାଖଣିରେ ଏମସିଏଲ ସିକ୍ୟୁରିଟି ଅଧିକାରୀ ବିଭିନ୍ନ ପ୍ରକାରର ଦୁର୍ନୀତିରେ ସଂପୃକ୍ତ ରହିଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଅଭିଯୋଗ ମୁତାବକ, ଲିଙ୍ଗରାଜ ଏରିଆରେ ଏମସିଏଲ ତରଫରୁ ଅନୁମୋଦନ ହେଇଥିବା ଏସଆଇଏସ ପ୍ରାଇଭେଟ ସିକ୍ୟୁରିଟି ଗାର୍ଡ ପୋଷ୍ଟ ମୋଟ ୨୧୯କୁ କମ୍ପାନୀ କାର୍ଯ୍ୟରେ ପୁରା ନଲଗାଇଲେ ମଧ୍ୟ ଦୀର୍ଘ ଅଢେଇ ବର୍ଷ ଧରି ପୁରା ପୋଷ୍ଟ ଲାଗୁ ଥିବାର ବିଲ ପାଇଁ ଅନୁମୋଦନ ହୋଇଛି। ଲିଙ୍ଗରାଜ କ୍ଷେତ୍ର ସ୍ଥିତ ଏନଟିପିସି ରେଲୱେ ସାଇଡିଂର ଟ୍ରକ ରିସିଭର ପଏଣ୍ଟ ପାଖରେ ଥିବା ବାରିର ବୋମରୁ ଗତ କିଛି ଦିନ ତଳେ ଏମସିଏଲ ଗାର୍ଡଙ୍କ ଡ୍ୟୁଟିରେ ପ୍ରାୟ ୨୮ ଲକ୍ଷ ଟଙ୍କାର ଏସି, କ୍ୟାମେରା ମେସିନ ଇତ୍ୟାଦି ସାମଗ୍ରୀ ଚୋରି ହୋଇଥିଲେ ମଧ୍ୟ ତାଙ୍କ ତରଫରୁ କୌଣସି ସଠିକ ତଦନ୍ତ ନକରି କେସକୁ ଚାପି ଦେଇଛନ୍ତି ବା କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାଁନ୍ତି ବୋଲି ଖଣି ଅଂଚଳରେ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ବାଲୁଙ୍ଗା ପ୍ୟାଚ୍ ରେ ଥିବା ଦେଉଳବେଡ଼ା - ୨ ରେଲୱେ ସାଇଡିଂରେ ଗତ କିଛି ଦିନ ତଳେ ଏମସିଏଲ ଗାର୍ଡଙ୍କ ନିୟୋଜିତ ସମୟରେ ଲାଇନ ତାର ଚୋରି ହୋଇଥିଲା ଯାହାକି ପ୍ରାଇଭେଟ୍ ଏସଆଇଏସ ପାଟ୍ରୋଲିଂ ପାର୍ଟି ମଧ୍ୟ କିଛି ତାର ଜବତ କରି ଆଣିଥିଲେ। କିନ୍ତୁ ତା'ର କୌଣସି ତଦନ୍ତ ବା କାର୍ଯ୍ୟାନୁଷ୍ଠନ ଗ୍ରହଣ କରା ଯାଇନାହିଁ ବୋଲି ଶୁଣିବାକୁ ମିଳୁଛି। ଲିଙ୍ଗରାଜ ଏରିଆର ଷ୍ଟକ ନଂ ୧୮ରେ କିଛି ଦିନ ତଳେ କୋଇଲା ଚୋରି କରୁଥିବା ସମୟରେ କୋଇଲା ମାଫିଆଙ୍କର ଜେସିବି ଓ ୨ଟା ଟ୍ରକ୍ ଓ ଆଇସିଏଫ୍ ଜବତ କରିଥିଲେ। ଚେକ୍ ପୋଷ୍ଟରେ ଏମସିଏଲ ଗାର୍ଡ ଡ୍ୟୁଟିରେ ଥିଲେ ମଧ୍ୟ ଷ୍ଟକ୍ ଭିତରକୁ ଜେସିବି ଓ ଟ୍ରକ କିପରି ପଶିଲେ ତାର ମଧ୍ୟ ସଠିକ ତଦନ୍ତ ବା କାର୍ଯ୍ୟାନୁଷ୍ଠାନ ସଂପୃକ୍ତ ଅଫିସର କରି ନାହାନ୍ତି ବୋଲି ଜଣା ପଡିଛି। ଏମସିଏଲ ତରଫରୁ ପ୍ରାୟ ୭୦ ଜଣ ଗାର୍ଡ ଥିଲେ ମଧ୍ୟ ଅଧାରୁ ଅଧିକ ଗାର୍ଡ କେବଳ ହାଜିରା କରି ଡ୍ୟୁଟି ନକରି ଘରକୁ ଯାଉଛନ୍ତି। ସେମାନେ ସଂପୃକ୍ତ ଅଫିସରଙ୍କୁ ମାସିକ ଭଲଚାନ୍ଦା ଦେବାର ଅଭିଯୋଗ ହେଉଛି। ଏଣୁ ଉପରୋକ୍ତ କେସ୍ ଗୁଡିକର ଏମସିଏଲ ଭିଜିଲାନ୍ସ ତରଫରୁ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ସଂପୃକ୍ତ ଅଫିସର କେତେ ଲାଂଚ ନେଇ ଏସବୁ କେସକୁ ଚାପିଛନ୍ତି ତାହାର ତଦନ୍ତ ପାଇଁ ସର୍ବସାଧାରଣରେ ଦାବୀ କରାଯାଇଛି।

## ଜରାଜୀର୍ଣ୍ଣ ଅବସ୍ଥାରେ ଅଙ୍ଗନବାଡି କେନ୍ଦ୍ର

# ଆଗକୁ ବର୍ଷାଋତୁ ବିପଦରେ ପିଲାଙ୍କ ଜୀବନ



ଯୋଡା, : କେନ୍ଦୁଝର ଜିଲ୍ଲା ଯୋଡା ସହର ଯେଉଁଠାରୁ ରାଜ୍ୟ ସରକାର ଙ୍କୁ ମିଳେ ପ୍ରାୟ ୨୫ହଜାର କୋଟି ଏବଂ ଜିଲ୍ଲା ଖଣିଜ ପାଣ୍ଠି କୁ ଯାଏ ୧୫ଶହ କୋଟି ଅର୍ଥ, ହେଲେ ଖଣି ପ୍ରଭାବିତ ଅଞ୍ଚଳ ହେବା ସତ୍ତ୍ୱେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଏହାଅବହେଳିତ। ଆଜିର ଶିଶୁ କାଲିର ନାଗରିକ, ଦେଶର ଭବିଷ୍ୟତ ହେଲେ ସେ ଭବିଷ୍ୟତ ଆଜି ବିପଦରେ ଅଛି, ଖବର ରୁ ପ୍ରକାଶ ଯେ ଯୋଡା ସହର ମଧ୍ୟ ଭାଗରେ ଥିବା ଓ୍ୱାର୍ଡ ନଂ ୪ ଝୁମ୍ପୁଡ଼ି ହାଟିଂ,ଯେଉଁଠାରେ ରହିଛି ଏକ ଅଙ୍ଗନୱାଡ଼ି କେନ୍ଦ୍ର ।ବସ୍ତିର ଅନେକ ଶିଶୁ ଏଠାରେ ଅଧ୍ୟୟନ ଓ ତାଲିମ ନିଅନ୍ତି, ପାଠପଢା ଖେଳକୁଦର ନିଅଁ ପକାନ୍ତି ହେଲେ ବଡ ବଡ ଫଳକ ଲଗାଯାଇଥିବା ଏହି ଅଙ୍ଗନୱାଡ଼ି ର ଛାତ ଗଳି ପଡ଼ି ଲୁହା ରଡ଼ ସ୍ପଷ୍ଟ ଦେଖା ଗଲାଣି ।ଘଟଣାସ୍ଥଳ କୁ ଯାଇ ଅଙ୍ଗନୱାଡ଼ି କର୍ମି ଇନ୍ଦୁମତି ପ୍ରଧାନ ଓ ସହାୟିକା ମମିତା ଦାସ ଙ୍କୁ ପଚାରିବାରୁ ଜଣାପଡ଼ିଥିଲା ଯେ,ଝୁମ୍ପୁଡି ହଟିଂ ରେ ଥିବା ଅଙ୍ଗନୱାଡ଼ି ଟି ଦୀର୍ଘ ଦେଢ଼ ବର୍ଷ ରୁ ଉର୍ଦ୍ଧ୍ୱ ହେଲାଣି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି ।ବିପଦ ସଙ୍କୁଳ ଏହି ଅଙ୍ଗନୱାଡ଼ି କୁ ବସ୍ତି ଅଞ୍ଚଳ ରୁ ଆସୁଥିବା ଶିଶୁ ମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଇ ବାରଣ୍ଡାରେ ଖାଦ୍ୟ ଦିଆଯାଉଛି । ଛାତ ଉପରୁ ପ୍ଲାଷ୍ଟର ଖସି ପଡୁ ଥିବାରୁ କେବଳ ଖାଇବା ସମୟରେ ଏଠାରେ ଛୁଆ ମାନଙ୍କୁ ଖାଦ୍ୟ ଦିଆ ଯାଇଛି ,ହେଲେ ପାଠ ପଢା ଏବଂ ଅନ୍ୟାନ୍ୟ ତାଲିମ ଗଛ ମୂଳେ କରାଯାଉଛି ।ଅଙ୍ଗନୱାଡ଼ି ଗୃହ ଟି ଏତେ ମାତ୍ରାରେ ଭାଙ୍ଗି ଯାଇଛି ଯେ,ଏହାକୁ ବିପଦ ସଙ୍କୁଳ ଗୃହ ଭାବେ ଯୋଡା ସିଡିପିଓ ଘୋଷଣା କରିଛନ୍ତି ।ତଥାପି କୌଣସି ଅଲଗା ପନ୍ଥା ନ ଥିବାରୁ ଏହି ଗୃହ ଟି କୁ ବର୍ତ୍ତମାନ ପର୍ଯ୍ୟନ୍ତ ବ୍ୟବହାର କରାଯାଉଛି, ଯଦିଓ ଅଙ୍ଗନୱାଡ଼ି କର୍ମୀ ଇନ୍ଦୁମତି ପ୍ରଧାନ କହିଥିଲେ ଯେ, ସି ଡି ପି ଓ କହିଛନ୍ତି ଯେ,ବସ୍ତି ଆଖପାଖ ଅଞ୍ଚଳରେ ଏକ ଭଡ଼ାରେ ଘର ଅନ୍ୱେଷଣ କରି ଅଙ୍ଗନୱାଡ଼ି ଟି କୁ ଯଥାରୀତି ଚଳାଇବା ପାଇଁ ,ହେଲେ ଆଖପାଖ ଅଞ୍ଚଳରେ ଘର ମିଳୁ ନ ଥିବା କର୍ମୀ ପ୍ରଧାନ କହିଛନ୍ତି । ଏ ନେଇ ଯୋଡା ପୌର ପାଳିକା। ଅଧ୍ୟକ୍ଷ ଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି ହେଲେ ସାହାଯ୍ୟ ର ପ୍ରତିଶୃତି ମିଳିଛି,କିନ୍ତୁ କାର୍ଯ୍ୟକାରୀ ହୋଇ ନାହିଁ ।ଅଙ୍ଗନୱାଡ଼ି କେନ୍ଦ୍ର ର ପାଚିକା ତଥା ସହାୟିକା ମମିତା ଦାସ କହିଛନ୍ତି ଯେ, ରୋଷ ଶାଳାରେ ଛାତ ରୁ ସିମେଣ୍ଟ ପଲସ୍ତରା ଖସୁ ଥିବାରୁ ରୋଷେଇ ବାହାରେ କରା ଯାଉଛି । ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ ଯୋଡା ପୌର ଅଧ୍ୟକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ କହିଛନ୍ତି ଯେ,ଏହା ତାଙ୍କ ଜ୍ଞାତ ସାରରେ ଅଛି,ଖୁବ୍ ଶୀଘ୍ର ସି ଡି ପି ଓ ମାନସୀ ବେହେରା ଙ୍କ ସହିତ କଥା ହୋଇ ଅବିଳମ୍ବେ ନିର୍ମାଣ କାର୍ଯ୍ୟ କୁ ତ୍ୱରାନ୍ୱିତ କରାଯିବ ।ତେଣେ ଅଞ୍ଚଳ ବାସୀ ମତ ଦେଇଛନ୍ତି ଯେ,ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏହି ଗୃହ ର ନିର୍ମାଣ କରାଯାଉ ନାହିଁ। ଯାହା ଫଳରେ ଛାତରୁ ସିମେଣ୍ଟ ଅତଡ଼ା ଖସି ବିପଦ ପୂର୍ଣ୍ଣ ରହିଛି । ଏଣୁ ଏହି ବିପଦ ସଙ୍କୁଳ ଅଙ୍ଗନୱାଡ଼ି କୁ ଶିଶୁ ମାନଙ୍କୁ ଛାଡ଼ିବା ପାଇଁ ନିରାପଦ ମଣୁ ନାହାନ୍ତି । ଏ ସମ୍ପର୍କରେ ଯୋଡା ସି ଡି ପି ଓ ମାନସୀ ବେହେରା କହିଛନ୍ତି ଯେ,ଯୋଡା ପୌର ପାଳୀକା। ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆ ଯାଇଛି, ପୌର ଅଧ୍ୟକ୍ଷ ଙ୍କ ସହ ଏ ନେଇ ଆଲୋଚନା ହୋଇଛି ।ସାଧାରଣ ନିର୍ବାଚନ ଥିବାରୁ ସାମୟିକ ବିଳମ୍ବ ହୋଇଛି,ହେଲେ ଖୁବ୍ ଶୀଘ୍ର ଏହାର ସମାଧାନ କରାଯିବ ।

# ନୂଆଗୁଡା ଜଙ୍ଗଲରେ ଅବକାରୀ ଚଢାଉ

ଜୟପୁର : ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୁଚନା ନୁଆଗୁଡା ଜଙ୍ଗଲରେ ଅବକାରି ଚଢାଉ ହୋଇଛି । ମଦ ପ୍ରସ୍ତୁତ କରିବା ସହ ଲୁଚାଇ ରଖିଥିବା ସୁଚନା ପାଇ ଅବକାରି ଥାନା ପକ୍ଷରୁ ଆଜି ଚଢାଉ କରାଯାଇଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ୨ଟି ମଦ ଭାଟି ଭାଙ୍ଗିବା ସହ ୯ ଶହ ଲିଟର ପୋଚ ଓ ୮୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି



ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଛି । କେତେକ ଡ୍ରମକୁ ନିଆଁ ଲଗାଇ ନଷ୍ଟ କରିଥିବା ବେଳେ ମାଟି ହାଣ୍ଡିକୁ ଭଙ୍ଗାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ନିଳାଦ୍ରି ବିହାରି ମିଶ୍ର ସୁଚନା ଦେଇଛନ୍ତି ।

## ଭବାନୀପାଟଣା ଠାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି କମିଟି ବୈଠକ

# ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ

ଭବାନୀପାଟଣା : ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଙ୍କ ଅଧ୍ୟକ୍ଷତା ରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି କମିଟି ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ କଳାହାଣ୍ଡି ସାଂସଦ ଶ୍ରୀମତୀ ମାଳବିକା ଦେବୀ ,ଭବାନୀପାଟଣା ବିଧାୟକ ଶ୍ରୀ ସାଗର ଚରଣ ଦାସ,ଧର୍ମଗଡ ଉପ ଜିଲ୍ଲାପାଳ ଧିମନ ଚକମା ଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ, ତହସିଲଦାର, ବି ଡି ଓ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତନ୍ମୟ କୁମାର ଦରୱାନ ସମସ୍ତଙ୍କୁ ସ୍ୱାଗତ କରି ଏଜେଣ୍ଡା ଅନୁଯାୟୀ ସଭାକୁ ପରିଚାଳନା କରିଥିଲେ । ବୈଠକରେ ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା,ବନ୍ୟା କିମ୍ବା ଅତ୍ୟଧିକ ବର୍ଷା ହୁଏ,ତେବେ ତାହାର ସଠିକ୍ ମୁକାବିଲା କିପରି କରାଯାଇପାରିବ ସେ ବିଷୟକୁ ନେଇ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଭୂମିକା କିପରି ସଠିକ୍ ରୂପେ ରୂପାୟନ ହୋଇପାରିବ ,ତା ଉପରେ ଆଲୋଚନା କରାଗଲା ।ବିଧାୟକ ଭବାନୀପାଟଣା ସାଗର ଚରଣ ଦାସ ନିଜ ବକ୍ତବ୍ୟ ରେ କଳାହାଣ୍ଡି ଜିଲ୍ଲାରେ ବନ୍ୟା, ବର୍ଷା ପୂର୍ବରୁ ନଦୀବନ୍ଧ ତଥା ସହରାଞ୍ଚଳ ନାଳ ମରାମତି,ଜଳ ଅବରୋଧ ସ୍ଥାନ ଚିହ୍ନଟ , ବନ୍ୟାପ୍ଲାବିତ ଅଞ୍ଚଳରେ ଆବଶ୍ୟକ ଔଷଧ , ସାପ କାମୁଡା ଇଞ୍ଜେକସନ ଓ ଖାଦ୍ୟ ମହଜୁଦ ଉପରେ ପ୍ରଶାସନ ପଦକ୍ଷେପ ନେବାକୁ କହିଥିଲେ । ସାଂସଦ ମାଳବିକା ଦେବୀ ବନ୍ୟା ପରବର୍ତ୍ତୀ ସମୟରେ ହଇଜା,ଡେଙ୍ଗୁ ମ୍ୟାଲେରିଆ ନିରାକରଣ ପାଇଁ ପ୍ରତିଷେଧକ,ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି,ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରବର୍ତ୍ତୀ କାଳରେ ସଂପୃକ୍ତ ଅଧିକାରୀ ଙ୍କ ଦାୟିତ୍ୱ ଓ ତ୍ୱରିତ ପଦକ୍ଷେପ ଉପରେ ପ୍ରଶାସନ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ । ବିପର୍ଯ୍ୟୟ ସମୟରେ ଯେମିତି ଲୋକଙ୍କୁ ସୁରକ୍ଷିତ ଉଦ୍ଧାର, ଆଶ୍ରୟସ୍ଥଳୀରେ ରହିବା ବ୍ୟବସ୍ଥା, ଯୋଗାଯୋଗ ବ୍ୟବସ୍ଥା, ଖାଦ୍ୟ, ପାନୀୟ,ଶିଶୁ ଖାଦ୍ୟ, ଔଷଧ, ଆଲୋକର ବ୍ୟବସ୍ଥା, ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ, ମହିଳା , ଶିଶୁ , ଭିନ୍ନକ୍ଷମ ଓ ବୃଦ୍ଧ ଙ୍କ ପାଇଁ ଉଚିତ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା ।ଜିଲ୍ଲାପାଳ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଦିଗରେ ସମସ୍ତ ବିଭାଗୀୟ ଅଧିକାରୀ ନିଜ ଦାୟିତ୍ୱ ସହ ଆଗୁଆ ପଦକ୍ଷେପ ସହ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ ।ବନ୍ୟା ପରିସ୍ଥିତି ରେ ଉଦ୍ଧାର ଓ ଥଇଥାନ କରିବା ନିମନ୍ତେ ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ , ଶୁଖା ଓ ରନ୍ଧା ଖାଦ୍ୟ ବ୍ୟବସ୍ଥା,ଔଷଧ ମହଜୁଦ,ନଦୀ ବନ୍ଧ ଓ ଘାଇ ମରାମତି,ସହରାଞ୍ଚଳ ରେ ନାଳ ସଫେଇ ଓ ମରାମତି, ପାଇପ୍ ଦ୍ୱାରା ବିଶୁଦ୍ଧ ଓ ବିଶୋଧିତ ଜଳ ଯୋଗାଣ, ନଳକୂପ ବିଶୋଧନ, ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଔଷଧ , ହେଲୋଜନ ବାତିକା, ବିପର୍ଯ୍ୟୟ ସମୟରେ ରାସ୍ତା ଅବରୋଧ କୁ ହଟାଇବା ସମ୍ବର୍ଦ୍ଧିତ ସଂପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ ଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ସମସ୍ୟା ଘେରରେ ଧାମନଗର ମହାବିଦ୍ୟାଳୟ, ବିଭାଗୀୟ ମନ୍ତ୍ରୀ ଦୃଷ୍ଟିଦେବାକୁ ଦାବି

ଭଦ୍ରକ, : ଭଦ୍ରକ ଜିଲାର ଧାମନଗର ଠାରେ ଥିବା ପୁରାତନ ମହାବିଦ୍ୟାଳୟଟି ଏବେ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛି । ପ୍ରକାଶ ଥାଉକି ଏହି ମହାବିଦ୍ୟାଳୟ ବିଭିନ୍ନ କ୍ଷେତ୍ରରେ ବିଭାଗୀୟ ଅବହେଳାର ଶୀକାର ହୋଇ ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଭାରପ୍ରାପ୍ତ ଅଧ୍ୟକ୍ଷରେ ଚାଲିଛି । ଗତ ୧୫ ଅଗଷ୍ଟ ୧୯୭୭ ମସିହାରେ ପ୍ରତିଷ୍ଠିତ ଦୀର୍ଘ ୪୭ ବର୍ଷର ଏହି ପୁରାତନ ମହାବିଦ୍ୟାଳୟରେ ଅଧ୍ୟାପକ ଓ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ମିଶାଇ ପ୍ରାୟ ଏକ ତୃତୀୟାଂଶ ପଦବୀ ଖାଲି ପଡିଛି । ଏଠାରେ ୮ଟି ଟିଚିଂ ଷ୍ଟାଫ୍ ପୋଷ୍ଟ ଫାଙ୍କା ଥିବାବେଳେ ୧୫ ଟି ନନ୍ ଟିଚିଂ ଷ୍ଟାଫ୍ ପୋଷ୍ଟ ଫାଙ୍କା ଅଛି । ଏପରିକି ଜୁଲୋଜି ବିଭାଗରେ ଆଦୌ ଅଧ୍ୟାପକ ନାହାଁନ୍ତି । କେବଳ ରସାୟନ ଅତିଥି ଶିକ୍ଷକଙ୍କୁ ଏଠାରେ ଶିକ୍ଷାଦାନ ଚାଲିଥିବାବେଳେ ନାମଲେଖା ସରିବା ପରେ ପୁନଶ୍ଚ ଏମାନଙ୍କ ଉପରେ ମହାବିଦ୍ୟାଳୟ ନିର୍ଭର କରିପାରେ । ଏହି କଲେଜରେ କ୍ଲାସ୍‌ରୁମ୍ ନିଅ ଥିବାବେଳେ ବିଜ୍ଞାନଗାରର ଆଧୁନିକୀକରଣର ଆବଶ୍ୟକତା ଅଛି । କଲେଜର ବାଉଣ୍ଡାରୀ ୱାଲ ନାହିଁ । ଯାହାଫଳରେ ଅବାଧରେ ଅସାମାଜିକ ବ୍ୟକ୍ତି ଅନୁପ୍ରବେଶ କରୁଛନ୍ତି । ସେହିପରି କଲେଜରେ ଦୀର୍ଘବର୍ଷ ହେବ ଲାଇବ୍ରେରିଆନ ପଦବୀ ଖାଲିଥିବାବେଳେ ଯେଉଁ ୨ ଜଣ ଅସ୍ଥାୟୀ ଦାୟିତ୍ୱରେ ଥିଲେ ସେମାନେ ଅବସର ନେବା ପରେ ଏବେ କ୍ଲରିକାଲ ଷ୍ଟାଫ୍ ଏହି ଦାୟିତ୍ୱ ତୁଲାଉଛନ୍ତି । ସେହିପରି ସରକାର କ୍ରୀଡାକୁ ପ୍ରୋତ୍ସାହନ ଦେଉଥିବାବେଳେ ଏହି ମହାବିଦ୍ୟାଳୟରେ ୨୦୧୭ ମସିହାରେ ତତ୍‌କାଳୀନ କ୍ରୀଡା ଶିକ୍ଷକଙ୍କ ଅବସର ପରେ ଏଯାବତ୍ ଉକ୍ତ ପଦ ଖାଲି ପଡିଛି । ଏହି ମହାବିଦ୍ୟାଳୟର ଏସି, ଏସ୍‌ଟି ହଷ୍ଟେଲକୁ ପ୍ରଥମ ପର୍ଯ୍ୟାୟରେ ୧ କୋଟି ୩୬ ଲକ୍ଷ, ୨ୟ ପର୍ଯ୍ୟାୟରେ ୨୦ ଲକ୍ଷ ଏବଂ ତୃତୀୟ ପର୍ଯ୍ୟାୟରେ ୭୫ ଲକ୍ଷ ଅର୍ଥ ବ୍ୟୟବରାଦ ହୋଇଥିବାବେଳେ କାର୍ଯ୍ୟ ମନ୍ଥର ହେତୁ ତାହା ଏଯାବତ୍ ସଂପୂର୍ଣ୍ଣ ହୋଇପାରିନାହିଁ । କିଛିଦିନ ହେବ ମହାବିଦ୍ୟାଳୟରେ ବିଭିନ୍ନ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି । ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ମଚାରୀମାନଙ୍କ ମଧ୍ୟରେ ତାଳମେଳ ରହୁନଥିବା ଭଳି ମନେ ହେଉଛି । ତେବେ ବିଭିନ୍ନ ସମସ୍ୟା ଥିବାରୁ ନିକଟରେ ନାକ୍ ଟିମ୍ ମଧ୍ୟ ଆସିପାରିଲେନାହିଁ । ଏହି କଲେଜର ପ୍ରାୟ ୧୫ ଏକରରୁ ଉର୍ଦ୍ଧ୍ୱ ଜମି ଥିବାବେଳେ ଧୀରେ ଧୀରେ ତାହା ଜବରଦଖଲ ହେବାକୁ ବସିଲାଣି । ଧୀରେ ଧୀରେ ସମସ୍ୟାର ସମାଧାନ ହେବ ବୋଲି ଅଧ୍ୟକ୍ଷ ଏମ୍‌ଡି ଇସ୍ରାଇଲ ଗଣମାଧ୍ୟମକୁ କହିଛନ୍ତି । ତେବେ ସବୁଠାରୁ ବଡ କଥା ହେଲା ଧାମନଗର ନିର୍ବାଚନ ମଣ୍ଡଳୀର ଏହି କଲେଜ ରହିଥିବାବେଳେ ଏଠାରୁ ଉଚ୍ଚ ଶିକ୍ଷା ବିଭାଗର ମନ୍ତ୍ରୀ ଭାବେ ରାଜ୍ୟ ମନ୍ତ୍ରୀମଣ୍ଡଳରେ ଦାୟିତ୍ୱ ଗ୍ରହଣ କରିଥିବା ସୂର୍ଯ୍ୟବଂଶୀ ସୁରଜ ସ୍ଥିତପ୍ରଜ୍ଞ ଏହି କଲେଜ ପ୍ରତି ଦୃଷ୍ଟି ନଦେଲେ କଲେଜଟିର ଭାଗ୍ୟ ଅନ୍ଧକାର ଆଡକୁ ଠେଲି ହୋଇଯିବ ।

## ଦେଓଝର ପଞ୍ଚାୟତ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ

# ଦୀର୍ଘ ଦିନ ପରେ ବି ସମସ୍ୟାର ନାହିଁ ସମାଧାନ

ଯୋଡା : କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଦେଓଝର ପଞ୍ଚାୟତ ରାସ୍ତାକୁ ସ୍ଥାନୀୟ ବାସିନ୍ଦା ଅବରୋଧ କରିଥିବା ଦେଖିବାକୁ ମିଳିଛି । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଭାରିଯାନ ଅଟକି ରହିଛି । ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଏହି ପଞ୍ଚାୟତ ରାସ୍ତାରେ ୪ଟି ବୃହତ୍ତ ଖଣି ଓ ଶିଳ୍ପ ସଂସ୍ଥା ରହିଛି । ସେମାନଙ୍କର ଭାରିଯାନ ଚଳାଚଳ ଯୋଗୁଁ ଧୂଳି, ଧୁଆଁରେ ଲୋକେ ଅତିଷ୍ଠ ହୋଇପଡିଲେଣି । ଏପରିକି ଏହି ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ଘରେ ଭାତ ହାଣ୍ଡିରେ ମଧ୍ୟ ଧୂଳି ପଡିଯାଉଥିବାରୁ ସେମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବାରମ୍ବାର ଅଭିଯୋଗ ପରେ କମ୍ପାନୀମାନେ ରାସ୍ତାରେ ଜଳ ସିଞ୍ଚନ ନିମନ୍ତେ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ନିୟମିତ ଭାବେ ଜଳ ସିଞ୍ଚନ କରାଯାଉନାହିଁ । ଚୁକ୍ତି ମୁତାବକ ରାସ୍ତାରେ ସ୍ୱଚ୍ଛନ୍ଦ ଯାତାୟତ ନିମନ୍ତେ ସୁରକ୍ଷା କର୍ମି କମ୍ପାନୀମାନେ ଯୋଗାଇଦେବାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଯୋଗାଦେଉନାହାନ୍ତି । ଫଳରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି । ଦୈନିକ ସ୍ଥାନୀୟ ବାସିନ୍ଦା ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ଏଥିପାଇଁ ଗତ ୨୦ ତାରିଖ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଲୋକେ ରାସ୍ତାଟିକୁ ବନ୍ଦ କରିଥିବା ବେଳେ ବିଭିନ୍ନ କମ୍ପାନୀର କର୍ତ୍ତୃପକ୍ଷ ଓ ପୁଲିସ ପ୍ରଶାସନ ଏହି ସମସ୍ୟାର ସମାଧାନ ପାଇଁ ୪ଦିନ ସମୟ ନେଇଥିଲେ । ଏହାର ସ୍ଥାୟି ସମାଧାନ ନିମନ୍ତେ ସିଆଳିଯୋଡା ଠାରେ ଦେଓଝର ପଞ୍ଚାୟତ କାର୍ଯ୍ୟାଳୟରେ ଏହାର ସମାଧାନ କରାଯିବ ବୋଲି ଦିନ ଧାର୍ଯ୍ୟ କରାଯାଇଥିଲା । ତେବେ ଧାର୍ଯ୍ୟ ଦିନ କେବଳ ଜିନ୍ଦଲ ଅଧିକାରୀ ବ୍ୟତୀତ ଅନ୍ୟ କୌଣସି କମ୍ପାନୀ ଅଧିକାରୀ ବୈଠକକୁ ଆସିନଥିଲେ । ଫଳରେ ଏହାର ସମାଧାନ ହୋଇନପାରିବାରୁ ସ୍ଥାନୀୟ ବାସିନ୍ଦା ଏହି ରାସ୍ତାଟିକୁ ସମ୍ପୂର୍ଣ୍ଣ ଅବରୋଧ କରିଥିବା ଜଣାପଡିଛି । ସୂଚନା ଯୋଗ୍ୟ, ବିଲେଇପଦା ୫୨୦ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଦେଓଝର ପଞ୍ଚାୟତର ବିଲେଇପଦା ଠାରୁ ଝାଡଖଣ୍ଡର ନୂଆମୁଣ୍ଡି ଭାୟା ମୂର୍ଗା ମହାଦେବ ପଞ୍ଚାୟତ ରାସ୍ତାଟି ମରଣଯନ୍ତା ପାଲଟିଛି । ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭାରିଯାନ ଚଳାଚଳ ଯୋଗୁଁ ଧୂଳି, ଧୁଆଁରେ ସ୍ଥାନୀୟ ବାସିନ୍ଦା ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ପୂର୍ବରୁ ଏହି ରାସ୍ତାଟି ନଥିବା ବେଳେ କେତେ ଜଣ ସ୍ଥାନୀୟ ବାସିନ୍ଦା ନିଜର ପୈତୃକ ଜମି ସ୍ଥାନୀୟ ଲୋକଙ୍କ ଚଳପ୍ରଚଳରେ ସ୍ୱଚ୍ଛନ୍ଦ ପାଇଁ ସରକାରଙ୍କୁ ହସ୍ତାନ୍ତର କରି ଏହି ରାସ୍ତାର ନିର୍ମାଣର ସୁଯୋଗ ଦେଇଥିଲା । ତେବେ ରାସ୍ତା ନିର୍ମାଣ ପରେ ଏହାକୁ ବିଭିନ୍ନ ଖଣି ଓ ଶିଳ୍ପ ସଂସ୍ଥା ବ୍ୟବହାର କରିଆସୁଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ପଞ୍ଚାୟତ ରାସ୍ତାରେ ଭାରିଯାନ ଚଳାଚଳ ନିଶିଦ୍ଧ ଥିବା ବେଳେ ଏହାକୁ ଅଣଦେଖା କରି ଏହି କମ୍ପାନୀମାନେ ଜୋରଜବରଦସ୍ତ ଏହି ରାସ୍ତାରେ ଭାରିଯାନ ଲୁହାପଥର ପରିବହନରେ ଚଳାଇଆସୁଛନ୍ତି । ଭାରିଯାନ ଚଳାଚଳ ଯୋଗୁଁ ରାସ୍ତାଟି ସମ୍ପୂର୍ଣ୍ଣ ଭାଙ୍ଗି ତୁଟି ଯାଇ ବଡ ବଡ ଖାଲ ଖମାରେ ପରିପୂର୍ଣ୍ଣ ହୋଇପଡିଛି । ବର୍ଷା ଦିନେ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହୁଥିବା ବେଳେ ମୋଟରସାଇକେଲଟିଏ କିମ୍ବା ୪ ଚକିଆ ଯାନ ଟିଏ ଜିବା କଷ୍ଟକର ହୋଇପଡିଛି । ଫଳରେ ଦୈନିକ ଏହି ରାସ୍ତାରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବା ଦେଖାଯାଇଛି । ଏହି ରାସ୍ତା କଡରେ ରାଜ୍ୟର ଅନ୍ୟତମ ବିଶିଷ୍ଟ ପର୍ଯ୍ୟଟନ କେନ୍ଦ୍ର ମୂର୍ଗା ମହାଦେବ ଅବସ୍ଥିତ ଥିବା ବେଳେ ଏଠାକୁ ଦୈନିକ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି । ଏହି ରାସ୍ତାର ଦୂରବସ୍ଥା ଦେଖି ପର୍ଯ୍ୟଟକମାନେ ନାକ ଟେକୁଥିବା ଏବେ ଜାଣିବାକୁ ମିଳିଛି । ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଟାଟା କମ୍ପାନୀଙ୍କ କାଟାମାଟି ଲୌହ ଖଣି, ଡିଆର ପଟ୍ଟନାୟକଙ୍କ ମୂର୍ଗାବେଡା ଲୌହ ଖଣି, ଜିନ୍ଦଲ କମ୍ପାନୀର ପିଲେଟ କାରଖାନା ଓ କ୍ରାକର୍ସ ଇଣ୍ଡିଆ ଭଳି ୪ଟି ବୃହତ୍ତ ଖଣି ଓ ଶିଳ୍ପ ସଂସ୍ଥା ରହିଥିଲେ ମଧ୍ୟ ସେମାନେ ଏହି ରାସ୍ତାର ରକ୍ଷଣା ବେକ୍ଷଣରେ କୌଣସି ରୁଚି ଦେଖାଇନଥାନ୍ତି ବୋଲି ଅଭିଯୋଗ ହୋଇଛି । କମ୍ପାନୀର ପାରିପାର୍ଶିକ ଉନ୍ନୟନ କ୍ଷେତ୍ରରେ ପ୍ରଭାବିତ ଗ୍ରାମରେ କୌଣସି ଆଖିଦୃଶିଆ ବିକାଶ ଦେଖିବାକୁ ମିଳୁନାହିଁ । ଅନ୍ୟପକ୍ଷରେ କମ୍ପାନୀ ମାନେ ଦୀର୍ଘ ବର୍ଷ ଧରି ଏହି ଖଣିରୁ କୋଟି କୋଟି ଟଙ୍କା ଆୟ କରିଆସୁଥିବା ବେଳେ ନିଯୁକ୍ତି କ୍ଷେତ୍ରରେ ସେଭଳି ପଦକ୍ଷେପ ଗ୍ରହଣ କରିନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଜିନ୍ଦଲ କମ୍ପାନୀର ସାମାଜିକ ଦାୟିତ୍ୱବୋଧ ଅଧିକାରୀ ପ୍ରଣବ ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଜିନ୍ଦଲ କମ୍ପାନୀ ଉକ୍ତ ରାସ୍ତାରେ ସ୍ୱଚ୍ଛନ୍ଦ ଯାତାୟତ ନିମନ୍ତେ ସୁରକ୍ଷା କର୍ମି ଯୋଗାଇଦେବା ସହ ନିୟମିତ ଜଳ ସିଞ୍ଚନ ସହିତ ଷ୍ଟ୍ରିଟ ଲାଇଟର ବ୍ୟବସ୍ଥା କରିଥିବା ସେ କହିଥିଲେ । ସେହିପରି ଟାଟା କମ୍ପାନୀ ଅଧିକାରୀ କହିଥିଲେ ଯେ, ତାଙ୍କ ଖଣିରୁ ମୂର୍ଗା ମହାଦେବ ପର୍ଯ୍ୟନ୍ତ ଢଳେଇ ରାସ୍ତାଟି କମ୍ପାନୀ ଦ୍ୱାରା କରାଯାଇ ଏହାର ରକ୍ଷଣା ବେକ୍ଷଣା ଦାୟିତ୍ୱ ମଧ୍ୟ ନିଆଯାଇଛି । ତେବେ ଅନ୍ୟ ଖଣି ଓ ଶିଳ୍ପ ସଂସ୍ଥାଙ୍କର ଏହି ରାସ୍ତାର ରକ୍ଷଣା ବେକ୍ଷଣ ଉପରେ କୌଣସି ଉଦ୍ୟମ ନଥିବା ଜଣାପଡିଛି । ତେବେ ଏହି ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଏହି ରାସ୍ତାରେ ଭାରିଯାନ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି ।

# New Telecom Act: Centre Can Take Control Of Telecom Networks During Emergencyo



New Delhi: The Centre on Saturday introduced the new Telecommunications Act, 2023 that will usher in the new era of connectivity from June 26, replacing century-old colonial laws.

The Section 20 of the 'Telecommunications Act 2023' stated that the central government of a state government will be able to take control of any telecommunications services or networks in times of emergency after the implementation of the Act. On the occurrence of any public emergency, including disaster management, or in the interest of public safety, "the Central Government or a State Government or any officer specially authorised in this behalf by the Central Government or a State Government can take temporary possession of any telecommunication service or telecommunication network from an authorised entity; or provide for appropriate mechanisms to ensure that messages of a user or group of users authorised for response and recovery during a public emergency are routed on priority," according to the Sector 20 of the Act. Any telecom player who wants to establish or operate telecommunication networks, provide services or possess ratio equipment will have to be authorised by the government. "The Telecommunications Act, 2023 aims to amend and consolidate the law relating to development, expansion and operation of telecommunication services and telecommunication networks; assignment of spectrum and for matters connected therewith," said the Department of Communication (DoT) The Telecommunications Act, 2023 seeks to repeal existing legislative frameworks like Indian Telegraph Act, 1885 and Indian Wireless Telegraph Act, 1933 owing to huge technical advancements in the telecom sector and technologies.

The Act also provides measures for protection of users from unsolicited commercial communication and creates a grievance redressal mechanism. When it comes to the Right of Way (RoW) framework, public entities shall be obligated to provide right of way except in special circumstances. "The fee for right of way would be subject to a ceiling. The Act provides a complete framework for RoW in respect of private property based on mutual agreement. The Act also provides that the RoW to be granted shall be non-discriminatory and as far as practicable on a non-exclusive basis," said the DoT. It also provides that telecommunication infrastructure shall be distinct from the property it is installed on. This will help reduce the disputes when property is sold or leased. In line with Prime Minister Narendra Modi's 'Gati Shakti' vision, the law provides for the central government to establish common ducts and cable corridors. "To ensure national security and promote India's technology developers, the Act lays down powers to set standards and conformity assessment measures for telecommunication services, telecommunication networks, telecommunication security, etc," the DoT said.

# ECoR GM Inspects Therubali-Titlagarh-Sambalpur & Sambalpur-Jharsuguda Road-Sambalpur City-Jarpada Railway Section



Bhubaneswar, ; In a comprehensive two-day visit to the Sambalpur Railway Division, East Coast Railway (ECoR) General Manager Shri Parmeshwar Funkwal conducted an extensive inspection of the Therubali-Titlagarh-Sambalpur and Sambalpur-Jharsuguda Road-Sambalpur City-Jarpada Railway Sections. During this visit, he reviewed various ongoing projects and infrastructural works in the region.Shri Funkwal's inspection tour included visits to the Railway Stations at Muniguda, Kesinga, Titlagarh, Balangir, Barpali, and Sambalpur in the Therubali-Titlagarh-Sambalpur Railway Section. He also inspected the stations at Jharsuguda Road, Rengali, Sarla and Jarpada in the Sambalpur-Jharsuguda Road-Sambalpur City-Jarpada Railway Section.During the visit, he examined several critical infrastructure projects, including the Freight Examination Facility with ROH (Routine Overhaul) at Sarla, the Crew Lobbies at Titlagarh and Sambalpur and Running Room at Sambalpur Stations. Shri Funkwal also inspected traffic facility works at various Railway Sidings associated with major industries such as M/s Vedanta Ltd. at Brundamal and Ambodala, Bhusan Power & Steel Ltd. at Lapanga, and M/s Aditya Aluminium Ltd. at Lapanga. He also held engaged in discussions with representatives of these industries to address operational needs and future collaborations.Shri Funkwal took stock of the passenger amenities available at the stations and reviewed the ongoing developmental activities and construction works across the railway sections. He actively interacted with staff and officials to gather insights and suggestions for enhancing passenger services and proposed various modifications for future improvements. In addition, an Emergency Medical Services Facility was inaugurated at Sambalpur Railway Station in the presence of GM/ECoR. The General Manager also reviewed the ongoing redevelopment of Railway Stations under the Amrit Station Scheme and instructed concerned officials to expedite the work to ensure timely completion. Safety, operations, mobility, infrastructural development and passenger amenities, along with the progress of Amrit Stations, were given top priority during Shri Funkwal's inspection.



# ଲୋକଙ୍କ ପାଇଁ ସଚେତନତା ବିଭାଗ ଟିଏ ଖୋଲା ଯାଉ



## ନୂଆଁ ସରକାରଙ୍କ ଠାରେ ଦାବି

ବରଗଡ଼ : ପଶ୍ଚିମାଞ୍ଚଳରେ ସାମୁହିକ ବିକାଶ ସାଜିଛି ବାଧକ । ଗମନାଗମନ, ସ୍ୱାସ୍ଥ୍ୟ,ଶିକ୍ଷା କିମ୍ବା ଆଇନ ଶୃଂଖଳା ହେଉ ସବୁ କ୍ଷେତ୍ରରେ ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଜନସଚେତନତା ଅଭାବ ହେତୁ ଲୋକେ କୌଣସି ବିଷୟ ସଠିକ୍ ଭାବେ ବୁଝି ପାରୁ ନାହାଁନ୍ତି । ଯଦ୍ୱାରା ସାଧାରଣ ଲୋକେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ସହ ଆର୍ଥିକ ଓ ମାନସିକ ସ୍ତରରେ ଯନ୍ତ୍ରଣା ଭୋଗୁଥିବା ବେଳେ ଅଧିକ କ୍ଷତିଗ୍ରସ୍ତ ହୋଇ ଧନ ହାନୀ ସାଥିରେ ପ୍ରାଣପିଡା ଭୋଗୁଥିବା ଦେଖା ଯାଇଛି । ସରକାରୀ ଡାକ୍ତରଖାନାକୁ ରୋଗୀ ନେବା ଠାରୁ ସୁସ୍ଥ ହୋଇ ରୋଗୀ ଫେରିବା ପର୍ଯ୍ୟନ୍ତ ଯନ୍ତ୍ରଣା ଜର୍ଜରିତ କଲବଲ ପାଉଥିବା ଲକ୍ଷ କରାଯାଉଛି । ସରକାରୀ ହେଉ ଅବା ବେସରକାରୀ ଡାକ୍ତରଖାନାର ସବୁ ତଥ୍ୟ ବିଷୟ ରେ ସମସ୍ତେ ସବୁ କିଛି ବୁଝି ପାରୁ ନାହାଁନ୍ତି । କାରଣ ଡାକ୍ତରଖାନାର ଅଧିକାଂଶ ବ୍ୟବସ୍ଥା ସୂଚିତ ସୂଚନା ଫଳକରେ ନଥିବା କାରଣରୁ ଲୋକେ ହଇରାଣ ହେଉଥିବା ଅନୁମାନ କରାଯାଉଛି । ଯଦିଓ କେଇଗୋଟି ସ୍ଥାନରେ ସୂଚନା ପ୍ରଦାନ କରାଯାଇଛି ସେଥିରେ ବିଧି ବ୍ୟବସ୍ଥାର ସୂଚନା ନାହିଁ କହିଲେ ଚଳେ ଫଳତଃ ଶିକ୍ଷିତ ହେଉ ବା ଅଶିକ୍ଷିତ ସମସ୍ତେ ହଇରାଣ ହେଉଥିବା ଦେଖାଦେଉଛି ।ତାହାର ଜ୍ୱଳନ୍ତ ଉଦାହରଣ ପଶ୍ଚିମଓଡିଶାର ବଡ଼ ମେଡ଼ିକାଲ ବୁର୍ଲା କୁ ଗଲେ ଜାଣିପାରିବେ । ବୁର୍ଲା ବହିଃ ବିଭାଗରେ ଚିକିତ୍ସିତ ହେବାପାଇଁ ଲମ୍ବା ଲାଇନ ରେ ରହି ଟିକେଟ କରିବାକୁ ପଡିଥାଏ ଓ ଟିକେଟ ନେଇ ବିଭାଗୀୟ ଡାକ୍ତରଙ୍କୁ ଦେଖାଇବାକୁ ପଡେ । ହେଲେ ଉକ୍ତ ବିଷୟରେ ଅନଲାଇନ ବ୍ୟବସ୍ଥା ରହିଛି ଯେଉଁଥିରେ କି ଲମ୍ବା ଲାଇନରେ ନ ରହି ଘରୁ ଟିକେଟ କାଟି ସିଧାସଳଖ ଡାକ୍ତରଖାନାର ବିଭାଗୀୟ ଡାକ୍ତରଙ୍କୁ ଦେଖା କରିପାରିବେ, ହେଲେ ଏଠିବି ସେହି ସଚେତନତାର ଅଭାବ । ପ୍ରାୟ ଗ୍ରାମାଞ୍ଚଳର ୮୦ ପ୍ରତିଶତ ଲୋକ ଉକ୍ତ ବିଷୟରେ ଅବଗତ ନାହାନ୍ତି । ଗ୍ରାମାଞ୍ଚଳରୁ ଲୋକ ବୁର୍ଲା ଡ଼ାକ୍ତରଖାନାକୁ ଗଲେ କେଉଁଠି ଚିକିତ୍ସା କରିବେ , କେଉଁଠି ରକ୍ତ ପରୀକ୍ଷା କରିବେ ଓ କେଉଁଠି ଔଷଧ ପାଇପାରିବେ ,କେଉଁ ବିଭାଗ କେଉଁଠି ଅଛି ଜାଣି ପାରୁ ନାହାଁନ୍ତି । ଫଳରେ ସମସ୍ୟା ବଢିବା ସହ ଚିକିତ୍ସା କରାଇବାରେ ବିଳମ୍ବ ଘଟିଥାଏ ଯାହା କେବଳ ସଚେତନତା ର ଅଭାବ ହିଁ ଦାୟୀ । କେବଳ ଅର୍ଥ ସବୁ ବ୍ୟବସ୍ଥାରେ ସମାଧାନର ବାଟ ହୋଇନପାରେ । ବହୁ ବିଧି ବ୍ୟବସ୍ଥାର ଆବଶ୍ୟକତା ରହିଛି ।ଜନସାଧାରଣଙ୍କୁ ବ୍ୟକ୍ତି ଗତ ସଚେତନତାର ମଧ୍ଯ ଆବଶ୍ୟକତା ରହିଛି ଯାହା କୌଣସି ସରକାରୀ କର୍ମଚାରୀମାନେ କରୁନାହାନ୍ତି । ସେହିପରି ପରିବହନ ଗମନାଗମନର କ୍ଷେତ୍ରରେ ମଧ୍ଯ ସଚେତନତା ର ଆବଶ୍ୟକତା ପରିଲକ୍ଷିତ ହେଉଛି । ଗାଡ଼ି ଚାଳନା ଠାରୁ ଆରମ୍ଭ କରି ପରିବହନ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଚେତନତାର ଆବଶ୍ୟକତା ରହିଛି ।ଏଥିପାଇଁ ରୋଡ ରାସ୍ତାର ସୂଚନା ଫଳକ , ଗାଡ଼ି ଚାଳନା, ନିୟମ, ଓ ବିଧି ବ୍ୟବସ୍ଥା ରହିଛି ଯାହା ସମସ୍ତ ଯାନବାହାନ ବ୍ୟବହାର କାରୀଙ୍କ ଜାଣିବା କଥା । ହେଲେ ଅଧିକାଂଶ ଜନସାଧାରଣ ଅସଚେତନ ଅଛନ୍ତି ଫଳରେ ଧନହାନୀ ପ୍ରାଣପିଡା ସହ ହଇରାଣ ହରକତ ହେବାକୁ ପଡୁଛି । ସେହିପରି କେଉଁ ବିଭାଗରେ କେଉଁ କାମ ହୁଏ କିଏ କେଉଁ କାମ କରନ୍ତି । କାହାର କାମ କ'ଣ ଏ ବିଷୟରେ ଲୋକମାନେ ଶତପ୍ରତିଶତ ଜାଣିପାରୁ ନାହାନ୍ତି ।ଫଳରେ ଲୋକ ନାନା ସମସ୍ୟା ସହ ହଇରାଣ ହରକତ ହେଉଛନ୍ତି । ଯଦ୍ୱାରା କେତେକ ଖଳ ପ୍ରକୃତିର ଲୋକ ନିରିହ ଲୋକଙ୍କ ଠାରୁ ଫାଇଦା ଉଠାଇବାରେ ଲାଗିଛନ୍ତି । ପ୍ରତି କ୍ଷେତ୍ରରେ ଜନ ସଚେତନତାର ଆବଶ୍ୟକତା ରହିଛି । ଗାଁ ଠାରୁ ସହର ସବୁଠି ସବୁ ବ୍ୟବସ୍ଥାର ସଚେତନତା ର ଆବଶ୍ୟକ ରହୁଛି । ସରକାରୀ ସ୍ତର ରେ ସୂଚନା ବିଭାଗ ପରି ସଚେତନତା ବିଭାଗ ଖୋଲା ଯିବାର ମଧ୍ଯ ଆବଶ୍ୟକତା ପରିଲକ୍ଷିତ ହେଲାଣି । ସବୁ ବିଭାଗର ଦାୟିତ୍ୱ ,କର୍ତ୍ତବ୍ୟ ସହ କାର୍ଯ୍ୟର ସୁବିଧା ସୁଯୋଗକୁ ନେଇ ଗାଁ ଗାଁ ରେ ସଚେତନତା କରାଗଲେ ଜନସାଧାରଣ ଉପକୃତ ହୋଇ ପାରନ୍ତେ । ସରକାରୀ ହେଉ କି ବେସରକାରୀ ସାଧାରଣ ଲୋକଙ୍କୁ ତାଙ୍କ ବ୍ୟବହାର ହେଲାଭଳି ସୂଚନା ଦେବାପାଇଁ ସରକାର ସଚେତନତା ବିଭାଗ ଖୋଲି ପାରିବେ କି ବୋଲି ମଧ୍ଯ ସଚେତନ ନାଗରିକ ମାନଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# କଳା ତାଲିକା ଭୁକ୍ତ ସିକ୍ୟୁରିଟି ଗାର୍ଡ ସଂସ୍ଥାକୁ କିପରି ଟେଣ୍ଡର ମିଳିଲା ଏହାକୁ ନେଇ ଜୋର ଧରିଲା ଚର୍ଚ୍ଚା




କେନ୍ଦ୍ରାପଡ଼ା, : କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ମିଶାଇ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ବେସରକାରୀ ସଂସ୍ଥାର ସୁରକ୍ଷା କର୍ମୀଙ୍କ ନିଯୁକ୍ତି ନିମନ୍ତେ ଦୀର୍ଘ ୬ବର୍ଷହେବ ଦୁଇଟି ଟର୍ମରେ କଳିଂଗ ୱାରିଅର ନାମକ ଘରୋଇ ସିକ୍ୟୁରିଟି କମ୍ପାନୀ ସିକ୍ୟୁରିଟି ଗାର୍ଡ କର୍ମୀ ଯୋଗାଇ ଆସୁଥିବା ବେଳେ ସିକ୍ୟୁରିଟି ଗାର୍ଡ କର୍ମଚାରୀ ମାନଙ୍କୁ ସରକାରୀ ବିଲ ମୁତାବକ ଦରମା ନଦେଇ ମାସିକ ୮ ହଜାର ୫ଶହ ଟଙ୍କା ଲେଖା ଦରମା ଦେଇ ଇ.ପି.ଏଫ୍, /ଇ.ଏସ୍.ଆଇ, ଡିପୋଜିଟ୍ ନକରି ଦୀର୍ଘ ୨ବର୍ଷଧରି ସିକ୍ୟୁରିଟି ଗାର୍ଡ କର୍ମଚାରୀ ମାନଙ୍କ କଠିନ ପରିଶ୍ରମ ଝାଳବୁହା ଟଙ୍କାକୁ ଆତ୍ମସାତ କରି କଳା ତାଲିକା ଭୁକ୍ତ ଥିବା ସତ୍ୱେ ମଧ୍ଯ ପୁନର୍ବାର ମେଡିକାଲ କର୍ତ୍ତୃପକ୍ଷ ମାନଙ୍କ ସହିତ କଳିଂଗ ୱାରିଅର ସିକ୍ୟୁରିଟି କମ୍ପାନୀର ମାଲିକଙ୍କ ସଲାସୁତୁରା କରି ମୋଟା ଅଂକର ମୁନାଫା ଦେଇ ଏଥରବି ପୁଣି ସିକ୍ୟୁରିଟି ଟେଣ୍ଡର ହାତେଇ ନେବାକୁ ଯୋଜନା ବଦ୍ଧଭାବେ ଭୟଭିତକରାଇ ହାତେଇ ନେବାକୁ ମସୁଧା ଚଳାଇଥିବା ଜଣାପଡ଼ିଛି । ବିଶେଷ ସୁତ୍ରରୁ ଖବର ନେବାରୁ ଜଣାପଡିଛି ଏହି ସିକ୍ୟୁରିଟି ଗାର୍ଡ ଟେଣ୍ଡର ଫିକସିଂଗ୍ ଘଟଣାକୁ ନେଇ ଆଜି ଦିନ ତମାମ ସହରରେ ଚର୍ଚ୍ଚା ଯୋର ଧରିଥିବା ବେଳେ କେମିତି ହସପିଟାଲ କର୍ତ୍ତୃପକ୍ଷ ଜିଲ୍ଲାପାଳଙ୍କ ଅଗଚୋରରେ ବାରମ୍ବାର ସେହି ନିର୍ଦ୍ଦିଷ୍ଟ ସିକ୍ୟୁରିଟି କମ୍ପାନୀକୁ ପ୍ରତିବର୍ଷ ଟେଣ୍ଡର ଯୋଗାଇ ଆସୁଛନ୍ତି ତାହା ନିଶ୍ଚୟ ତଦନ୍ତ ସାପେକ୍ଷ । ଏଥିରେ ଅନ୍ୟ ଦୁଇଟି ବ୍ଲାକ ଲିସଷ୍ଟେଡ୍ ହୋଇଥିବା ସଂସ୍ଥା କେୟାର୍ ସର୍ଭିସ୍ ଓ ଏଲ୍ ଆଣ୍ଡ୍ କେ ନାମକ ସଂସ୍ଥା ମାନଙ୍କ ହାତକୁ ପୁନ୍ନରାୟ ଏଥରବି ଟେଣ୍ଡର ଟେକିଦେବାକୁ ମେଡିକାଲ କର୍ତ୍ତୃପକ୍ଷ ମାନେ ଏକ ବଡ ଧରଣର ଡ୍ରିଲ୍ କରିଥିବା ମଧ୍ୟ ଚର୍ଚ୍ଚା ଜୋର ଧରିଛି । କଣ ଲୁଚି ରହିଛି ଏହି ସିକ୍ୟୁରିଟି ଗାର୍ଡ ନିଯୁକ୍ତି ଟେଣ୍ଡର ପଛରେ ଭିତରି ରହସ୍ୟ । କେତେ ମୁନାଫା ନେଉଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ, ଏଡି.ଏମ୍.ଓଙ୍କ ସହିତ ହେଡ୍ କ୍ଲର୍କଙ୍କ ସମେତ ଡି.ପି.ଏମ୍. ମାଡାମ୍ ସମୟ କହିବ ।

# ବିନା ସୂଚନା ଫଳକରେ ଚାଲିଛି ପ୍ରାଣୀ ଚିକିତ୍ସାଳୟ, ଗୃହ ନିର୍ମାଣର ସ୍ଥାୟୀତ୍ୱ ନେଇ ଚର୍ଚ୍ଚା



ଟାଙ୍ଗି/ ଚିଲିକା, : ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗି ବ୍ଲକ ଅଧିନସ୍ଥ ନିରାକାରପୁର, ଡିଆ, ରାମେଶ୍ୱର, ଲେଣ୍ଢୋ, ନୂଆଗଡ ଆଦି ପଞ୍ଚାୟତରେ ପ୍ରାଣୀଧନଙ୍କ ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ନିର୍ମିତ ହୋଇଥିବା କୋଠାଟି ଏବେ ଜରାଜୀର୍ଣ୍ଣ ।ଚର୍ତ୍ତୁପାର୍ଶ୍ୱ ପ୍ରାଚୀର କଥା ଦୂରେ ଥାଉ ଅନେକ ସ୍ଥାନରେ ଛାତର କଂକ୍ରିଟ ଖସି ଗୃହଟି ଦୁର୍ବଳ ହେବା ସହ ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି ।ତେଣେ ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ଚିକିତ୍ସା ପାଇଁ ଆସୁଥିବା ଜୀବଜନ୍ତୁଙ୍କ ସମେତ ଷ୍ଟାଫମାନେ ମଧ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ।ଏନେଇ ଗତ ଡିସେମ୍ବରମାସ ୯ ତାରିଖରେ ଜରାଜୀର୍ଣ୍ଣ କୋଠା, ନାହିଁ ସୁରକ୍ଷା ପ୍ରାଚୀର କିମ୍ବା ପାଣି ସୁବିଧା -ଭୁଶୁଡିବ ପ୍ରାଣୀ ଚିକିତ୍ସାଳୟ ଶୀର୍ଷକ ସମ୍ପର୍କିତ ଖବର 'ସମ୍ବାଦ'ରେ ପ୍ରକାଶିତ ହୋଇଥିଲା ।ତେବେ ବିଳମ୍ବରେ ହେଉ ପଛେ ଏବେ ଆରମ୍ଭ ହୋଇଛି ପ୍ରାଣୀ ଚିକିତ୍ସାଳୟର ନୂତନ ଗୃହ ନିର୍ମାଣ କାର୍ଯ୍ୟ ।ହେଲେ ଦୁଃଖର ବିଷୟ ଯେ କୌଣସି ସରକାରୀ କାର୍ଯ୍ୟ କରିବା ପୂର୍ବରୁ କେଉଁ ବିଭାଗ ପକ୍ଷରୁ କେତେ ଅଟକଳ ପରିମାଣରେ କଣ କାର୍ଯ୍ୟ କରାଯିବ ସେଠାରେ ପ୍ରଥମେ ସୂଚନା ଫଳକ ଲାଗିବା ପରେ କାର୍ଯ୍ୟକ୍ରମ ଆରମ୍ଭ କରିବା କଥା ।ହେଲେ ଏଠାରେ ପୁରା ଅନିୟମିତତା ଦେଖିବାକୁ ମିଳିଛି ।ବିନା ସୂଚନା ଫଳକରେ ଆରମ୍ଭ ହୋଇଛି ଗୃହ ନିର୍ମାଣ କାର୍ଯ୍ୟ ।ବିଶେଷକରି ମୂଳଦୁହାର (ଫାଉଣ୍ଡେସନ)ଢ଼ଳେଇ କାର୍ଯ୍ୟ ଜୋର ଧରିଥିଲେ ସୁଦ୍ଧା ବିଭାଗୀୟ ଯନ୍ତ୍ରୀ କିମ୍ବା ଅଧିକାରୀ ମାନଙ୍କ ଅନୁପସ୍ଥିତିରେ ଏହା ଚାଲୁ ଥିବାବେଳେ ଏହାର ସ୍ଥାୟୀତ୍ୱ ନେଇ ସାଧାରଣରେ ଅନେକ ପ୍ରଶ୍ନ ଉଙ୍କି ମାରିବା ସହ ବୁଦ୍ଧିଜୀବୀ ମହଲରେ ବିଭାଗୀୟର ଏଭଳି କାର୍ଯ୍ୟକୁ ତୀବ୍ର ନିନ୍ଦା କରାଯାଉଛି ।ଏନେଇ ପ୍ରାଣୀ ଚିକିତ୍ସାଳୟ ଅଧିକାରିଣୀ ପ୍ରିୟଙ୍କା ପ୍ରିୟମ୍ବଦା ପ୍ରିୟଦର୍ଶିନୀଙ୍କୁ ଗୃହ ନିର୍ମାଣ ସମ୍ପର୍କର ପଚାରିବାରେ କେଉଁ ବିଭାଗ ପକ୍ଷରୁ କେତେ ଟଙ୍କା ଆସିଛି ମୁଁ ଜାଣିନି ।କେବଳ ଗୃହ ନିର୍ମାଣ ସହ ଅପରେସନଥେଟର, ଲାବ୍ରୋଟାରି, ସେଡ, ଡ଼କ୍ଟର ଚାମ୍ବର ଆଦି ନିର୍ମାଣ ହେବ ବୋଲି ଶୁଣୁଛି ବୋଲି ସୂଚନା ଦେଇଥିଲେ ।ପ୍ରଶ୍ନ ଉଠେ ଗୃହ ନିର୍ମାଣ ପୂର୍ବରୁ ସୂଚନା ଫଳକ ଲାଗିବା କଥା ଦୂରେ ଥାଉ ଅନୁଷ୍ଠାନ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ମଧ କଣ ଓ କିପରି କାର୍ଯ୍ୟ କରାଯିବାର ସୂଚନା ଦିଆନଯିବା ଅତ୍ୟନ୍ତ ବିଡମ୍ବନାର ବିଷୟ । ତେବେ ଉକ୍ତ କାର୍ଯ୍ୟ ତଦାରଖ କରୁଥିବା ସୁପର ଭାଇଜରଙ୍କୁ ପଚାରିବାରେ ଏହା ଓସିସ ବିଭାଗ ପକ୍ଷରୁ କରାଯାଉଛି ବୋଲି କେବଳ ମୁଁ ଏତିକି ଜାଣିଛି ମାତ୍ର କେତେ ଅଟକଳ ପରିମାଣ ଓ କେମିତି ତଥା କଣକଣ ନିର୍ମାଣ ହେବ ମୁଁ କହିପାରିବିନି ।ଯଦି ଜାଣିବାର ଅଛି ତେବେ ଏମଡିଙ୍କୁ ପଚାରି ବୁଝି ପାରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ ଜଣାଇଥିଲେ ।ତେବେ ଆବଶ୍ୟକତା ଦୃଷ୍ଟିରୁ ତୁରନ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ତୁରନ୍ତ ସୂଚନା ଫଳକ ଲଗାଯିବା ସହ ଗୃହ ନିର୍ମାଣଟି ସାର୍ବଜନିନ କରିବା ନିମନ୍ତେ ସାଧାରଣରେ ଦାବି ହୋଇଛି ।ଯାହା ଦ୍ୱାରା କାର୍ଯ୍ୟରେ ସ୍ୱଚ୍ଛତା ରହିବା ସହ ସବୁ କିଛି ଜଣାପଡିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

## ବିକ୍ରମ ମିସ୍ରି ନୂଆ ବିଦେଶ ସଚିବ

ନୂଆଦିଲ୍ଲୀ : ୧୯୮୯ ବ୍ୟାଚ୍ ଆଇଏଫ୍ଏସ୍ (ଭାରତୀୟ ବିଦେଶ ସେବା) ଅଫିସର ତଥା ଉପ ଜାତୀୟ ସୁରକ୍ଷା ଉପଦେଷ୍ଟା ବିକ୍ରମ ମିସ୍ରି ଦେଶର ନୂଆ ବିଦେଶ ସଚିବ ନିଯୁକ୍ତ ହୋଇଛନ୍ତି । ମିସ୍ରିଙ୍କୁ ଦେଶର ପରବର୍ତ୍ତୀ



ବିଦେଶ ସଚିବ ନିଯୁକ୍ତ କରାଯିବା ନେଇ ବିଦେଶ ବ୍ୟାପାର ମନ୍ତ୍ରାଳୟ ଦେଇଥିବା ପ୍ରସ୍ତାବକୁ ଏସିସି (ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟି) ସ୍ୱୀକୃତି ଦେଇଛନ୍ତି । ବିନୟ ମୋହନ କ୍ୱାତ୍ରାଙ୍କ ସ୍ଥାନରେ ବିକ୍ରମ ମିସ୍ରି ନୂଆ ବିଦେଶ ସଚିବ ନିଯୁକ୍ତ ହୋଇଛନ୍ତି । ବିଦେଶ ସଚିବ ଭାବେ କ୍ୱାତ୍ରାଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ଆସନ୍ତା ଜୁଲାଇ ୧୪ ତାରିଖରେ ଶେଷ ହେଉଥିବାରୁ ଜୁଲାଇ ୧୫ ତାରିଖରୁ ମିସ୍ରି ବିଦେଶ ସଚିବ ଭାବେ ତାଙ୍କ କାର୍ଯ୍ୟକାଳ ଆରମ୍ଭ କରିବେ । ଉଲ୍ଲେଖଯୋଗ୍ୟ, କ୍ୱାତ୍ରାଙ୍କ କାର୍ଯ୍ୟକାଳ ଚଳିତ ବର୍ଷ ମାର୍ଚ୍ଚରେ ୬ ମାସ ପାଇଁ ବୃଦ୍ଧି କରାଯାଇଥିଲା ।

## ମିଳିତ ଅଧିବେଶନକୁ ରାଷ୍ଟ୍ରପତିଙ୍କ ଉଦବୋଧନ

# ଗରିବୀରୁ ମୁକୁଳିଛନ୍ତି ୨୫ କୋଟି ଭାରତୀୟ

ନୂଆଦିଲ୍ଲୀ : ସଂସଦ ଭବନର ମିଳିତ ଅଧିବେଶନକୁ ସମ୍ବୋଧିତ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଆଜି ସେ ସଂସଦ ଭବନରେ ପହଞ୍ଚିବା ପରେ ଉପରାଷ୍ଟ୍ରପତି ଜଗଦିଶ ଧନଖଡ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସ୍ୱାଗତ କରିଥିଲେ । ଏହାପରେ ମିଳିତ ଅଧିବଶେନକୁ ସମ୍ବୋଧିତ କରି ନବନିର୍ବାଚିତ ସାଂସଦମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି । ସମ୍ବୋଧନ ସଭାରେ ଦେଶର ଗରିବୀଠୁ ନେଇ ଶିକ୍ଷା, ବିଜ୍ଞାନ, ବାଣିଜ୍ୟ ଓ ଭବିଷ୍ୟତ ଯୋଜନା ଉପରେ ଆଲୋଚନା କରିଛନ୍ତି ରାଷ୍ଟ୍ରପତି ମୁର୍ମୁ । ଦେଶରେ ଗରିବୀ ଦୂର ହୋଇଛି, ୨୫ କୋଟି ଭାରତୀୟ ଗରିବୀରୁ ମୁକ୍ତ ହୋଇଛନ୍ତି ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି । ଏଥିସହ ଦେଶରେ ବିଜୁଳି ବିଲ୍ ଶୂନ କରିବାକୁ ସରକାର ଯୋଜନା କରୁଥିବା ସେ କହିଛନ୍ତି । ଦେଶର ଉନ୍ନତି କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀ ବିଷୟରେ ଆଲୋଚନା କରି ରାଷ୍ଟ୍ରପତି କହିଛନ୍ତି, ଆଗକୁ ମହିଳାମାନଙ୍କୁ



ଡ୍ରୋନ୍ ପାଇଲଟ କରିବାକୁ ଉଦ୍ୟମ ଚାଲିଛି । ୩ କୋଟି ମହିଳାଙ୍କୁ ଲକ୍ଷପତି ଦିଦି କରିବାକୁ ବ୍ୟାପକ ଅଭିଯାନ ଚଳାଯାଇଛି । ଉତ୍ତର-ଦକ୍ଷିଣ ଭାରତରେ ବୁଲେଟ୍ ଟ୍ରେନ୍ ଚଳାଚଳ ପାଇଁ ମଧ ବ୍ୟବସ୍ଥା ଚାଲିଛି ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ।

ନିର୍ବାଚନ କମିଶନକୁ ପ୍ରଶଂସା କରି ରାଷ୍ଟ୍ରପତି କହିଛନ୍ତି, ଏଥର କାଶ୍ମୀର ଘାଟିରେ ରେକର୍ଡ ସଂଖ୍ୟକ ଭୋଟିଂ ହୋଇଛି । ଚାରି ଦଶକରୁ ଏଠାରେ ଭୋଟିଂ ପ୍ରତିଶତ କମ୍ ରହି ଆସୁଥିଲା । ଏଥର କିନ୍ତୁ ବିରାଟ ପରିବର୍ତ୍ତନ ଆସିଛି । ମୋ ସରକାର ଉପରେ ଲୋକେ ତୃତୀୟ ଥର ଭରସା କରିଛନ୍ତି । ଲୋକେ ଜାଣିଛନ୍ତି ମୋ ସରକାର ସେମାନଙ୍କ ଆକାଂକ୍ଷା ପୂରଣ କରିପାରିବ । ସମାଜର ସବୁ ବର୍ଗଙ୍କ ପାଖରେ ବିକାଶ ପହଞ୍ଚିବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ସେ କହିଛନ୍ତି ଯେ, ପ୍ରତିଟି ଲୋକର ବିକାଶ ହୋଇପାରିଲେ ଏକ ବିକଶିତ ଭାରତ ସମ୍ଭବ ହେବ । ଗରିବ, ଚାଷୀ, ମହିଳା, ଯୁବ ବର୍ଗଙ୍କ ବିକାଶ ପାଇଁ ଧ୍ୟାନ ଦିଆଯାଉଛି । ସରକାରଙ୍କ ସବୁ ଯୋଜନାର ସୁବିଧା ସମସ୍ତଙ୍କ ନିକଟରେ ପହଞ୍ଚାଯିବ । ସେହିପରି ଡାକ୍ତରୀ ପ୍ରବେଶିକା ପରୀକ୍ଷାକୁ ନେଇ ଚାଲିଥିବା ବିବାଦ ଉପରେ ମଧ୍ୟ ଆଲୋଚନା କରିଛନ୍ତି ରାଷ୍ଟ୍ରପତି । ପେପର୍ ଲିକ୍ ମାମଲା ଉପରେ ନିରପେକ୍ଷ ଯାଞ୍ଚ କରାଯିବ ବୋଲି ରାଷ୍ଟ୍ରପତି କହିଛନ୍ତି । ନିରପେକ୍ଷ ଯାଞ୍ଚ ପାଇଁ ଆମ ସରକାର ପ୍ରତିବଦ୍ଧ ବୋଲି କହିଛନ୍ତି ରାଷ୍ଟ୍ରପତି ।

# ନିଜ ଜନ୍ମ ମାଟିରେ ପହଞ୍ଚିଲେ ମୁଖ୍ୟମନ୍ତ୍ରୀ, ସମସ୍ତଙ୍କର ନେଲେ ଆଶୀର୍ବାଦ

କେନ୍ଦୁଝର, : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ଦିନିଆ କେନ୍ଦୁଝର ଗସ୍ତ ରେ ଥିବାବେଳେ ଆଜି ତାଙ୍କ ଜନ୍ମ ମାଟି ରାଇକଳା ରେ ହେଲିକାପ୍ଟର ଯୋଗେ ଆସି ପହଞ୍ଚି ଥିଲେ । ସେଠାରେ ତାଙ୍କ ଗ୍ରାମବାସୀ ମାନେ ମୁଖ୍ୟମନ୍ତ୍ରୀ ଙ୍କୁ ଭବ୍ୟ ସ୍ୱାଗତ କରିଥିଲେ ।ସେଠାରୁ ଏକ ବିରାଟ ପଟୁଆର ରେ ନିକଟସ୍ଥ ଝୁମ୍ପୁରା କୁ ଯାଇ ଏକ ସମ୍ବର୍ଦ୍ଧନା ଶୋଭା ରେ ଯୋଗଦେଇଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ । ଏହି ସମ୍ବର୍ଦ୍ଧନା ମଞ୍ଚରୁ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣ ମାଧ୍ୟମରେ ସମସ୍ତ ଙ୍କର ସହଯୋଗ ଓ ଆଶୀର୍ବାଦ ମାଗିଥିଲେ ।ନିଜ ଅଞ୍ଚଳର ବିକାଶ ସହିତ ଓଡିଶା କୁ ଭାରତରେ ୧ ନମ୍ବର ବିକଶିତ ରାଜ୍ୟରେ ପରିଣତ



କରିବାପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ।ସେଠାରେ ବିଭିନ୍ନ ସଂଗଠନ ତରଫରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ତାପରେ ମୁଖ୍ୟମନ୍ତ୍ରୀ ତାଙ୍କ ଗାଁ ରାଇକଳା ଯାଇଥିଲେ ଗାଁ ମୁଣ୍ଡରୁ ତାଙ୍କ ପୈତୃକ ଘର ପର୍ଯ୍ୟନ୍ତ ଲାଇନରେ ଛିଡା ହୋଇ ଗାଁ ବାସୀ ମାନେ ତାଙ୍କୁ ସ୍ୱାଗତ କରିବା ସହିତ ପୁଷ୍ପ ଗୁଚ୍ଛ ଦେଇଥିଲେ ଓ ହୁଳହୁଳି ପକାଇ ଥିଲେ । ଘରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ସହଧର୍ମିଣୀ ଙ୍କୁ ପରିବାରର ମହିଳା ମାନେ ବନ୍ଦାପନା କରି ଘର ଭିତରକୁ ପାଛୋଟି ନେଇଥିଲେ । ସେଠାରେ ମୁଖ୍ୟମନ୍ତ୍ରୀ ଙ୍କ ମା ମୁଖ୍ୟମନ୍ତ୍ରୀ ଙ୍କୁ ପଖାଳ,ବଡ଼ି ଚୁରା,ଶାଗ ପରି ବିଭିନ୍ନ ପ୍ରକାର ପାରମ୍ପରିକ ଖାଦ୍ୟ ନିଜ ହାତରେ ଖୁଆଇ ଦେଇଥିଲେ ।ପରିବାର ତଥା ଆତ୍ମୀୟ ମାନଙ୍କୁ ଭେଟି ଖୁସି ଅନୁଭବ କରିଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ।ପରବର୍ତ୍ତୀ ସମୟରେ ଗାଁ ମୁଣ୍ଡ ରେ ନିଜ ଗ୍ରାମ ତଥା ଆଖପାଖ ଅଞ୍ଚଳର ଲୋକ ମାନଙ୍କ ଦ୍ୱାରା ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣ ରେ କହିଲେ ଆପଣଙ୍କର ଅଞ୍ଚଳର ପୁଅ ଆଜି ପିପୁଲ ମୁଖ୍ୟମନ୍ତ୍ରୀ ।ଆଗାମୀ ଦିନରେ ତାଙ୍କ ସରକାର ଓଡିଶା ର ବିକାଶ ପାଇଁ ବଦ୍ଧ ପରିକର ।ଗାଁ ମନ୍ଦିରରେ ଆଶୀର୍ବାଦ ନେଇ ହେଲିକାପ୍ଟର ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତନ କରିଛନ୍ତି ମୁଖ୍ୟମନ୍ତ୍ରୀ ।

# ବିଏମ୍‌ସିରେ ହଙ୍ଗାମା, ବୈଠକ ତ୍ୟାଗ କଲେ ବିଜେଡିର କିଛି କର୍ପୋରେଟର

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ବୈଠକରେ ହଙ୍ଗାମା । ବିଏମସି କର୍ପୋରେସନ ବୈଠକରେ ପ୍ରଶ୍ନ ପଚାରିବାକୁ ସୁଯୋଗ ନମିଳିବା ଓ ପ୍ରସଙ୍ଗ ଭିତ୍ତିକ ଆଲୋଚନା ହୋଇନପାରିବା ଅଭିଯୋଗ ନେଇ ବୈଠକ ତ୍ୟାଗ କରିଥିଲେ ବିଜେଡିର କିଛି କର୍ପୋରେଟର । ନିର୍ଦ୍ଦିଷ୍ଟ ଭାବେ କିଛି କର୍ପୋରେଟର ବୈଠକରେ ଅଶାନ୍ତି ତଥା ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ ଆଣି କକ୍ଷ ବାହାରକୁ ଚାଲିଯାଇଥିଲେ । ପରେ ସେମାନଙ୍କୁ ବୁଝାସୁଝା କରି ବୈଠକକୁ ଅଣାଯାଇଥିଲା । ଅନ୍ୟପଟେ ୱାର୍ଡର ସମସ୍ୟାକୁ ନେଇ ପ୍ରଶ୍ନ କରିବା ବେଳେ ବିଜେଡି କର୍ପୋରେଟର ବିଶୃଙ୍ଖଳିତ ଆଚରଣ କରି ବାହାରକୁ ଯାଇଥିବା ଅଭିଯୋଗ କରିଛନ୍ତି ବିଜେପି କର୍ପୋରେଟର । ଆଜି ତିନି ମାସ ପରେ ବସିଥିବା କର୍ପୋରେସନ ବୈଠକରେ ପ୍ରଥମରୁ ବିଭିନ୍ନ ୱାର୍ଡ଼ର ସମସ୍ୟା ନେଇ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ରହିଥିଲା । ଯାହାକୁ ନେଇ ଉଭୟ ବିଜେଡି ଓ ବିଜେପି



କର୍ପୋରେଟରଙ୍କ ମଧ୍ୟରେ ହୋ ହାଲ୍ଲା ଦେଖିବାକୁ ମିଳିଥିଲା । ବୈଠକରେ ଭୁବନେଶ୍ୱର ଏକାମ୍ର, ଉତ୍ତର ଓ ଜଟଣୀ ବିଧାୟକଙ୍କ ସମେତ ମେୟର ଓ କମିଶନର ଉପସ୍ଥିତ ରହିଥିଲେ ।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News


Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର